ବର୍ଷ-୨୪, ସଂଖ୍ୟା-୨୯୬
ଭୁବନେଶ୍ୱର
୩୦ ନଭେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 296
Bhubaneswar
30 November, 2024 Saturday
Page-08, Rs.: 2.00

ମହାଭାରତ
RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଅନ୍ତୁଆରେ ଶିଳ୍ପାଙ୍କ ସ୍ୱାମୀ



# ହୃଦୟ ଖୋଲା ସମର୍ଥନ ପାଇଁ ଧନ୍ୟବାଦ : ମୋଦୀ

**ଭୁବନେଶ୍ୱର,୨୯।୧୧(ମହାଭାରତ):** ଓଡ଼ିଶାକୁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳୁ। ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ବନ୍ଦରରେ ପହଂଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦର ପହଞ୍ଚିବ ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା

- ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ
- ସମ୍ବର୍ଦ୍ଧନା ସଭାରେ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ
- ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ପ୍ରାଥମିକତା ମିଳୁ
- ବିଜେଡି ଓ କଂଗ୍ରେସକୁ ସିଧାସଳଖ ଟାର୍ଗେଟ





ଦିବସ ଆଦିର ଆୟୋଜନ କରାଯାଉଛି। ଏହା ଓଡ଼ିଶାକୁ ଦିଆଯାଉଥିବା ପ୍ରାଥମିକତାର ପ୍ରମାଣ ବୋଲି ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୋଜିତ ସମ୍ବର୍ଦ୍ଧନା ସଭାରେ କହିଛନ୍ତି। ଏହି ଅବସରରେ ବିରୋଧୀ ଦଳକୁ କଡ଼ା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ।

ପୁଲିସ ଡିଜି ସମ୍ମିଳନୀରେ ଯୋଗ ଦେବାକୁ ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନ ସଭାକୁ ପ୍ରଧାନମନ୍ତ୍ରୀ ମୋଦି ଉଦବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜୟ ଜଗନ୍ନାଥ କହି ନିଜର ଓଡ଼ିଆ ଭାଷାରେ ଆରମ୍ଭ କରିଥିଲେ। ଓଡ଼ିଶାର ଭାଇ-ଭଉଣୀମାନଙ୍କୁ ମୋର ନମସ୍କାର, ଜୁହାର। ଓଡ଼ିଶାର ସବୁ ପରିବାର ମା'-ମାଉସୀ, ଭାଇ-ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି। ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି। ବିମାନବନ୍ଦରରେ ଏତେ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଓ ଏଭଳି ଭଲପାଇବା ଦେଇଥିବାରୁ ମୁଁ କୃତଜ୍ଞ। ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନ ଓ ଦେଶରେ ବିଭିନ୍ନ ଉପନିର୍ବାଚନର ପରିଣାମ ସମଗ୍ର ଦେଶର ଲୋକଙ୍କ ମଧ୍ୟରେ କିଭଳି ଏକ ବିଶ୍ୱାସ ସୃଷ୍ଟି କରିଛି ତାର ଚମକ, ଖୁସି, ଆଗ୍ରହ ଓ ଉତ୍ସାହ ଏଠି ଉପସ୍ଥିତ ଲୋକଙ୍କ ମଧ୍ୟରେ ଅନୁଭବ କରୁଛି। ଓଡ଼ିଶାରୁ ଏହାର ଆରମ୍ଭ ହୋଇଥିଲା ହରିଆଣା ଓ ମହାରାଷ୍ଟ୍ରରେ ବି ଦେଖିବାକୁ ମିଳିଲା। ଏହା ହିଁ ବିଜେପିର ବିଶେଷତ୍ୱ ଓ ଆମ ଦଳର କର୍ମୀମାନଙ୍କର ସାମର୍ଥ୍ୟ। ବିରୋଧୀ ଦଳ ସବୁବେଳେ ବିଜେପି ସରକାର ବିରୁଦ୍ଧରେ ଅପପ୍ରଚାର କରୁଛି କିନ୍ତୁ ଲୋକେ ଆଶୀର୍ବାଦ ଦେଉଛନ୍ତି।

ସେ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି। କିନ୍ତୁ ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ଆଉ ୪ଦିନ ପରେ ପୁରୀରେ ନୌସେନା ଦିବସ ପାଳନ କରାଯିବ। ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ। ଏହା ଅର୍ଥ ଓଡ଼ିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ। ଆଉ ଜାନୁୟାରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ। ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ। ପର୍ଯ୍ୟଟନର ସୁଯୋଗ ବଢ଼ିବ। ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ। ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଥିଲେ। ଓଡ଼ିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ। ଆମେ ସମସ୍ତେ ମିଶି ଓଡ଼ିଶାର ଗୌରବ ବୃଦ୍ଧି କରିବା। ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି। ବିକାଶର ଗତି ଅଭୂତପୂର୍ବ। ରାଜ୍ୟର ବିଜେପି ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନିର୍ବାଚନର କିଛିମାସ ପୂର୍ବରୁ ବଡ଼ ବଡ଼ ରାଜନୀତିକ ପଣ୍ଡିତମାନେ ଓଡ଼ିଶାରେ ବିଜେପିକୁ ସମ୍ପୂର୍ଣ୍ଣ ପ୍ରତ୍ୟଖ୍ୟାନ କରୁଥିଲେ। ଓଡ଼ିଶାରେ ବିଜେପି ଏତେବଡ଼ ଶକ୍ତି ନୁହେଁ ଯେ, ରାଜ୍ୟରେ ଏକାକୀ ସରକାର ଗଢ଼ିବ। କିନ୍ତୁ ଫଳାଫଳ ଆସିବାପରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ଯେଉଁମାନେ ନିଜକୁ ତିସମାର ଖାନ ଭାବୁଥିଲେ ସେମାନେ ଚୁପ ହୋଇଗଲେ। ଓଡ଼ିଶାର ଲୋକମାନେ ବିଜେପିର କାମକୁ ବିଶ୍ୱାସ କରିଛନ୍ତି। କାରଣ ଓଡ଼ିଶାର ଲୋକେ ବିଜେପିର କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ସ୍ୱୀକାର କରିଥିଲେ ଓ ବିଗତ ୧୦ବର୍ଷ ମଧ୍ୟରେ ଗାଁ ଗାଁ ଓ ଘରେଘରେ ଲୋକଙ୍କ ପାଖରେ କେନ୍ଦ୍ର ସରକାରଙ୍କ ଯୋଜନା ପହଂଚାଇବା ପାଇଁ କ୍ରମାଗତ କାର୍ଯ୍ୟ କରୁଥିଲୁ। ଏଠି ଆମ ଯୋଜନାର ନାଁ ପରିବର୍ତ୍ତନ କରିଦିଆଯାଉଥିଲା। ତଥାପି ଆମେ କାମ କରି ଚାଲିଥିଲୁ। କେନ୍ଦ୍ର ସରକାର ବା ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କ ପ୍ରତିନିଧି ଯେତିକି ଏବେ ଅଛି ତାହା ପୂର୍ବରୁ କେବେ ନଥିଲା। ଓଡ଼ିଶା ପାଇଁ ବଜେଟ ପରିମାଣକୁ ୩ଗୁଣ କରିଥିଲୁ। କିଛି ଭେଦଭାବ କରିନଥିଲୁ। ସେଥିପାଇଁ ଓଡ଼ିଶାର ଲୋକେ ବିଜେପିକୁ ବିଶ୍ୱାସ କଲେ ଓ ଆଶୀର୍ବାଦ (ପୃଷ୍ଠା-୭)

## ଶାହଙ୍କ ଆହ୍ୱାନ : ଜିରୋ ଟଲରାନ୍ସ ଓ ଆକ୍ସନ

**ଭୁବନେଶ୍ୱର,୨୯।୧୧(ପିଆଇବି):** କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଭୁବନେଶ୍ୱରରେ ୫୯ତମ ପୁଲିସ ଡିଜି/ଆଇଜି ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଦ୍ୱିତୀୟ ଏବଂ ତୃତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ। ହାଇବ୍ରିଡ୍ ମୋଡରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମୁଖ୍ୟ ଏବଂ ସିଏପିଏଫ୍/ସିପିଓର ମୁଖ୍ୟମାନେ ଯୋଗ ଦେଇଛନ୍ତି। ଆହୁରି ମଧ୍ୟ, ସାରା ଦେଶରୁ ଅନେକ ପୁଲିସ ଅଧିକାରୀ ଏହି ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରୁଛନ୍ତି। ଆଜି ହୋଇଥିବା ଆଲୋଚନାରେ ଜାତୀୟ ସୁରକ୍ଷା ପରାମର୍ଶଦାତା, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ମଧ୍ୟ ଯୋଗ ଦେଇଥିଲେ।



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଇନ୍ଦା ବ୍ୟୁରୋ ଅଧିକାରୀମାନଙ୍କୁ ବିଶିଷ୍ଟ ସେବା ପାଇଁ ପୁଲିସ ପଦକ ପ୍ରଦାନ କରିଥିଲେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଙ୍କିଙ୍ଗ ଅଫ୍ ପୁଲିସ ଷ୍ଟେସନସ୍ ୨୦୨୪ ପୁସ୍ତକକୁ ମଧ୍ୟ ଉନ୍ମୋଚନ କରିଥିଲେ। ସେ ଦେଶର ତିନୋଟି ଶ୍ରେଷ୍ଠ ଥାନାକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ।

ଉଦଘାଟନୀ ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ୨୦୨୪ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ଏବଂ ୩ଟି ନୂଆ ଅପରାଧିକ ଆଇନକୁ ବାଧାମୁକ୍ତ ଭାବେ କାର୍ଯ୍ୟକାରୀ କରିଥିବାରୁ ପୁଲିସ ନେତୃତ୍ୱଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ସୁଧାର ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଶାହ କହିଥିଲେ, ୩ଟି ନୂଆ ଅପରାଧିକ ଆଇନ ଦ୍ୱାରା ଭାରତର ଅପରାଧିକ ନ୍ୟାୟ ପ୍ରଣାଳୀ, ଯାହା ପୂର୍ବରୁ ଦଣ୍ଡ-କେନ୍ଦ୍ରିତ ଥିଲା, ତାହା ଏବେ ନ୍ୟାୟ କେନ୍ଦ୍ରିତ ହୋଇପାରିଛି। ସେ କହିଥିଲେ ଯେ ଏସବୁ ନୂଆ ଆଇନର ମୂଳ ଭାବନା ଭାରତୀୟ ପରମ୍ପରା ଦ୍ୱାରା ଅନୁପ୍ରାଣିତ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଏବଂ ୨୦୨୭ ମସିହା ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ଦେଶର ପୂର୍ବ ସୀମାରେ ପରିବର୍ତ୍ତନଶୀଳ ସୁରକ୍ଷା ଆହ୍ୱାନ, ପ୍ରବାସ ଧାରା ଏବଂ ସହରୀ ପୁଲିସ ବ୍ୟବସ୍ଥା ଭଳି ବିଷୟ ଉପରେ ଧ୍ୟାନ ଦିଆଯିବା ଉଚିତ। ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା ପାଇଁ ଶୂନ୍ୟ ସହନଶୀଳତା ରଣନୀତି ଏବଂ ଶୂନ୍ୟ ସହନଶୀଳତା କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନେବାକୁ ଅମିତ ଶାହ ଆହ୍ୱାନ ଦେଇଥିଲେ।

ଦେଶର ଶୀର୍ଷ ପୁଲିସ ନେତୃତ୍ୱ ଆଗାମୀ ଦୁଇ ଦିନ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନିଶାଦ୍ରବ୍ୟ କାରବାର, ସାଇବର ଅପରାଧ ଏବଂ ଆର୍ଥିକ ସୁରକ୍ଷା ସମେତ ସାମ୍ପ୍ରତିକ ଓ ଭବିଷ୍ୟତର ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବେ। ଏହା ସହିତ, ୩ଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଏବଂ ପୁଲିସ ବ୍ୟବସ୍ଥା ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯିବ।

## ବଦଳିଲା ପାଗ

**ଭୁବନେଶ୍ୱର,୨୯।୧୧(ମହାଭାରତ:** ତାମିଲନାଡୁରେ ବାତ୍ୟା ଫେଙ୍ଗଲ ଲ୍ୟାଣ୍ଡଫଲ୍ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଓଡ଼ିଶାରେ ପ୍ରଭାବ ଦେଖିବାକୁ ମିଳିଛି। ଆଜି ଉପକୂଳ ଓଡ଼ିଶାରେ ଝିପିଝିପି ବର୍ଷା ବର୍ଷା ସହ କୋହଲା ପାଗ କରିଛି। ଓଡ଼ିଶାରେ ଏପରି ପାଗ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓଡ଼ିଶା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ। ଏଥିସହ ପାଗ ମେଘୁଆ ରହିବାର ସମ୍ଭାବନା ରହିଛି।

## ଜାମା ମସଜିଦ ସର୍ଭେ ସ୍ଥଗିତ

**ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି):** ଉତ୍ତରପ୍ରଦେଶ ସମ୍ଭଲ ଜାମା ମସଜିଦ ସର୍ଭେ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ । ଶାହି ଇଦଗାହ ମସଜିଦରେ ସର୍ଭେକୁ ବିରୋଧ କରି ହୋଇଥିବା ଆନ୍ଦୋଳନରେ ପାଞ୍ଚ ଜଣଙ୍କ ମୃତ୍ୟୁ ପରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ମସଜିଦର ଶାହି ଇଦଗାହ କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହେବା ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ବନ୍ଦ ରଖିବାକୁ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭଲରେ ଜାମା ମସଜିଦ ନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ । ମୋଗଲ ଶାସକ ବାବରଙ୍କ ସମୟରେ ୧୫୨୬ ମସିହାରେ ଏଠାରେ ହିନ୍ଦୁ ମନ୍ଦିର ଉଚ୍ଛେଦ କରାଯାଇ ଜାମା ମସଜିଦ ନିର୍ମାଣ କରାଯାଇଥିବା ଅଭିଯୋଗ କରିଛନ୍ତି ହିନ୍ଦୁ ପକ୍ଷ । ଏହାକୁ ନେଇ ହିନ୍ଦୁ ପକ୍ଷ ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ମସଜିଦ ଉଚ୍ଛେଦ କରିବାକୁ ଦାବି କରିଥିଲେ । ଏହି ଆବେଦନର ଶୁଣାଣି କରି ଟ୍ରାଏଲ କୋର୍ଟ ପ୍ରତ୍ନତାତ୍ତ୍ୱିକ ସର୍ଭେ କମିଟିକୁ ସର୍ଭେ (ASI) ନିର୍ଦ୍ଦେଶ ଦେଇଥିଲେ ।ଏହି ନିର୍ଦ୍ଦେଶ କ୍ରମେ ASI ନଭେମ୍ବର ୨୪ରେ ସର୍ଭେ ଆରମ୍ଭ କରିଥିଲା । ଏହି ସମୟରେ ଜାମା ମସଜିଦ ନିକଟରେ ଶହ ଶହ ଲୋକେ ଉପସ୍ଥିତ ହୋଇ ସର୍ଭେକୁ ବିରୋଧ କରିଥିଲେ। ଏପରିକି ସର୍ଭେ ଟିମ୍ ଉପରକୁ ପଥର ମାଡ଼ କରିବା ପରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁଘଟି ଥିବାବେଳେ ଏବେବି ସେଠାରେ ସ୍ଥିତି ଅଶାନ୍ତ ରହିଛି । ଏହାକୁ ନେଇ ମସଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ପି.ଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



## ହୀରାକୁଦ ଓ ସାତକୋଶିଆ ବିକାଶ ପାଇଁ ୨୦୦ କୋଟି

**ଭୁବନେଶ୍ୱର,୨୯।୧୧(ମହାଭାରତ):** ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୀରାକୁଦ, ସାତକୋଶିଆ ଅଭୟାରଣ୍ୟର ବିକାଶ ପାଇଁ ୨ଶହ କୋଟିର ସହାୟତା ପ୍ରଦାନ ପାଇଁ ପିଏମ ମୋଦି ଓ ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ପର୍ଯ୍ୟଟନର ଭିତ୍ତିଭୂମିକୁ ଅଗ୍ରାଧିକାର ଦେବା ଭିତ୍ତିରେ ହୀରାକୁଦ ଓ ସାତକୋଶିଆ ଅଭୟାରଣ୍ୟର ବିକାଶ ସହିତ ଏହି ଆଇକନିକ୍ ଟୁରିଷ୍ଟ ସେଂଟରକୁ ବିଶ୍ୱମାନର କରିବା ପାଇଁ ପ୍ରାୟ ୨୦୦ କୋଟି ଟଙ୍କାର ବିଶେଷ ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଧନ୍ୟବାଦ। ଏହି ସହାୟତା ଉଭୟ ଅଂଚଳରେ ପର୍ଯ୍ୟଟନ ସୁବିଧାକୁ ତ୍ୱରାନ୍ୱିତ କରିବ ।
ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ପର୍ଯ୍ୟଟନର ବହୁତ ବଡ଼ଭୂମିକା ରହିଛି। ଚଳିତ ଆର୍ଥିକ ବଜେଟରେ ମୋଦୀ ସରକାର ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରାଧାନ୍ୟ ଦେଇଛନ୍ତି । ମୋଦୀ ସରକାରଙ୍କ ଏହି ସହାୟତା ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ସହ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ।

ସେହିପରି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ ଯୋଜନାରେ ୨୦୧୫-୧୬ ଆର୍ଥିକ ବର୍ଷରେ ଓଡ଼ିଶାର ଗୋପାଳପୁର, ବଡ଼କୁଳ, ସାତପଡ଼ା ଓ ତାମ୍ପଡ଼ା ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୭୦ କୋଟି ୮୨ ଲକ୍ଷ ଟଙ୍କା ମଞ୍ଜୁର କରିଛି। ସେହିପରି ପ୍ରସାଦ ଯୋଜନାରେ ପୁରୀରେ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଥିଲା। ପର୍ଯ୍ୟଟନ ମନ୍ତ୍ରଣାଳୟ ଦୀର୍ଘସ୍ଥାୟୀ ପର୍ଯ୍ୟଟନସ୍ଥଳୀ ବିକାଶ ଲକ୍ଷ୍ୟରେ ସ୍ୱଦେଶ ଦର୍ଶନ ଯୋଜନାର ସମ୍ପ୍ରସାରଣ କରି ସ୍ୱଦେଶ ଦର୍ଶନ ୨.୦ କାର୍ଯ୍ୟକାରୀ କରୁଛି। ଏହି ଯୋଜନା ଅନ୍ତର୍ଗତ କୋରାପୁଟ ଓ ଦେବ୍ରିଗଡ଼ ସମେତ ସ୍ୱତନ୍ତ୍ର ଆକର୍ଷଣ ଭାବେ ଖିଣ୍ଡା ଗ୍ରାମକୁ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ ଆଜି ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି।

## ୨୮୦୦ କୋଟି ଚିଟ୍‌ଫଣ୍ଡ ସ୍କାମରେ ବାପ-ପୁଅ ଗିରଫ

**କୋଲକାତା,୨୯।୧୧(ମହାଭାରତ:** କୋଲକାତାରେ ୨୮୦୦ କୋଟି ଟଙ୍କାର ଚିଟ୍ ଫଣ୍ଡ ସ୍କାମ ସହ ଜଡିତ ଟଙ୍କା ହେରଫେର ମାମଲାରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଆଜି ଏକ ବାପା-ପୁଅ ଯୋଡିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ପ୍ରୟାଗ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରମୋଟର ବାସୁଦେବ ବାଗଚି ଏବଂ ତାଙ୍କ ପୁଅ ଅଭିକ ବାଗଚି ବୋଲି ଜଣାପଡିଛି।

ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ) ର ସ୍ୱତନ୍ତ୍ର କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ୧୦ ଦିନିଆ ଇଡି ହେପାଜତକୁ ପଠାଇଛନ୍ତି। ନଭେମ୍ବର ୨୬ ରେ, କୋଲକାତା ଏବଂ ମୁମ୍ବାଇରେ ତାଙ୍କ ସହ ଜଡିତ ଥିବା ପରିସର ଉପରେ ଇଡି ଚଢାଉ କରିଥିଲା। ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ ଅନୁଯାୟୀ, ବାଗଚି ପିତା-ପୁତ୍ର ଯୋଡି ମାସିକ ଆୟ ଯୋଜନା , ରିଡିମେବୁଲ ପ୍ରିଫରେନ୍ସ ସେୟାର ଏବଂ କ୍ଲବ ସଦସ୍ୟତା ପ୍ରମାଣପତ୍ର ଭଳି "ମିଥ୍ୟା" ଏବଂ "ଉଚ୍ଚ ରିଟର୍ଣ୍ଣ" ପ୍ରତିଜ୍ଞା କରି ଜନସାଧାରଣଙ୍କଠାରୁ ୨୮୦୦ କୋଟି ଟଙ୍କା ଜମା ସଂଗ୍ରହ କରିଥିବା ଅଭିଯୋଗ ହୋଇଛି। ।ଇଡି ଅନୁଯାୟୀ, ଏଥିରୁ ପ୍ରାୟ ୧୯୦୦ କୋଟି ଟଙ୍କା ନିବେଶକଙ୍କୁ ଫେରସ୍ତ କରାଯାଇ ନାହିଁ। ପ୍ରୟାଗ ଗ୍ରୁପ୍ ଅଫ୍ କମ୍ପାନୀଗୁଡିକ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଏବଂ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ପରି ନିୟାମକ ସଂସ୍ଥାଗୁଡ଼ିକର ଆବଶ୍ୟକ ଅନୁମୋଦନ ବିନା ବେଆଇନ କାର୍ଯ୍ୟ କରିଥିଲେ।

## ଦଳୀୟ ନେତା ଓ କର୍ମୀଙ୍କୁ ମୋଦୀଙ୍କ ମନ୍ତ୍ର

**ଭୁବନେଶ୍ୱର,୨୯।୧୧(ମହାଭାରତ):** ତିନି ଦିନିଆ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଜ୍ୟ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ରହି ଦଳର ବିଧାୟକ, ସାଂସଦ,ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଏଥିସହ ସମସ୍ତଙ୍କ ସହ ମିଶି ଡିନର (ରାତ୍ରିଭୋଜନ) କରିଛନ୍ତି। ବେଶ୍ ହାଲକା ଓ ସହଜ ଢଙ୍ଗରେ ଦଳୀୟ ନେତାମାନଙ୍କ ସହ କଥା ହେଲେ, ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝିଲେ। ଆଉ ସାର୍ବଜନୀନ ଜୀବନରେ ରହିବା ପାଇଁ ଦେଲେ ଗୁରୁମନ୍ତ୍ର। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସମୟ ବିତାଇବାପରେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି ବିଜେପି ନେତା-ମନ୍ତ୍ରୀମାନେ।

ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ଦଳର ବିଧାୟକ, ସାଂସଦ,ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହ ସମୟ ବିତାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ରାତ୍ରିଭୋଜନ କରି ରାଜଭବନ ଫେରିଯାଇଛନ୍ତି। ପୁଲିସ ଡିଜି ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ଦଳୀୟ ପଦାଧିକାରୀ,ବିଧାୟକ ଓ ସାଂସଦମାନଙ୍କୁ ଭେଟିଛନ୍ତି। କର୍ମକର୍ତ୍ତାଙ୍କ ଭଳି ସମସ୍ତଙ୍କ ସହ ମିଶିଥିଲେ ।ନିଜ ମନକଥା କହିବା ସହ ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ବିଜେପିର ସରକାର ଆସିଥିବାରୁ ଦଳୀୟ ପଦାଧିକାରୀ ଓ ନେତାମାନଙ୍କ ସହ ସମୟ ବିତାଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ଉତ୍ସାହିତ କରିଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଦଳୀୟ ନେତାଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ୍ ମିଡିଆ 'ଏକ୍ସ'ଯୋଗେ ନିଜର ଭାବନା ମତବ୍ୟକ୍ତ କରିଛନ୍ତି ।ମୋଦିଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କର ସୁଖଦୁଃଖ ପଚାରି ବୁଝିଛନ୍ତି। ଆମ ନିମନ୍ତ୍ରଣ ରକ୍ଷା କରି ଅମେମାନଙ୍କ ସହ ରାତ୍ରିଭୋଜନ କରିବାକୁ ଆସିଥିଲେ।



କୌଣସି ସେଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇନି।

ସେହିପରି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଅତ୍ୟନ୍ତ ସାଧାରଣ ଭାବେ କଥାବାର୍ତ୍ତା ହୋଇଥିଲୁ ।ଏଭଳି ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ସହ ପଦେକଥା ହେଲେ ଆତ୍ମସନ୍ତୋଷ ମିଳେ। ଅନେକ କଥା ଜାଣିବାକୁ ମିଳେ,ଶିଖିବାକୁ ମିଳିଲା। ଲୋକଙ୍କ ବିଶ୍ୱାସଭାଜନ ହେଲେ ଦୀର୍ଘବର୍ଷ ଧରି ସରକାରରେ ରହିହେବ ଓ ସେଥିପାଇଁ କଣ କରିବା ଦରକାର ତାହା ଉପରେ ଚର୍ଚ୍ଚା ହେଲା ।ରିଲାକ୍ସ ମୁଡରେ କଥାବାର୍ତ୍ତା ହେଲେ। ସାର୍ବଜନୀନ ଜୀବନରେ ଆଚରଣ-ଉଚ୍ଚାରଣ କିଭଳି ହେବା ଦରକାର ସେସମ୍ପର୍କରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଲେ ବୋଲି ସେ କହିଛନ୍ତ।

କଂଟାବାଞ୍ଜିର ବିଜେପି ବିଧାୟକ ଲକ୍ଷ୍ମଣ ବାଗ କହିଥିଲେ ଯେ, ଲୋକଙ୍କ ପାଇଁ କିଭଳି କାମ କରିବାକୁ ହୁଏ ସେବିଷୟରେ ପ୍ରଧାନମନ୍ତ୍ରୀ କହିଲେ। ଜଣେ ଦଳୀୟ କର୍ମକର୍ତ୍ତା ଭଳି ଆମମାନଙ୍କ ସହ ମିଶିଲେ। ସୁଖଦୁଃଖ ପଚାରିଲେ। ନିଜ କଥା କହିଲେ। ଯେଭଳି ମନ କି ବାତରେ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କଥା ହୁଅନ୍ତି ସେପରି ଆଜି କଥା ହେଲେ। ପ୍ରଧାନମନ୍ତ୍ରୀଙ୍କ ଏହି କଥାବାର୍ତ୍ତା ଆମକୁ ଉତ୍ସାହ ଓ ପ୍ରେରଣା ଯୋଗାଇବ ନିଶ୍ଚୟ।

ସେହିପରି ବିଜେପି ବିଧାୟିକା ସୀମାରାଣୀ ନାୟକ କହିଥିଲେ ଯେ, ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପାଖରେ ଦେଖିବାର ସୁଯୋଗ ପାଇଲି। ଫିଲଡରେ କିଭଳି ସାଧାରଣ ଲୋକଙ୍କ ସହ ମିଶି କାମ କରିପାରିବୁ ସେନେଇ ବିଧାୟକ ଓ ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ସେ କହିଥିଲେ। ଆଜିର ରାତ୍ରିଭୋଜନରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଓଡ଼ିଆ ଶୈଳୀରେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରାଯାଇଥିଲା।

## ୪୮ ଘଣ୍ଟାରେ ମିଳିବ ଏମ୍ଏସ୍‌ପି

**ଭୁବନେଶ୍ୱର,୨୯।୧୧ (ମହାଭାରତ):** ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟରେ ଧାନକିଣା ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ତି। ଏଥି ନିମନ୍ତେ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଦିନରାତି ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକରି ଚାଷୀମାନଙ୍କ ହିତରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କୌଣସି ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଯୋଗାଣ ବିଭାଗ ପକ୍ଷରୁ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ଅଧିକାରୀମାନେ ଚାଷୀମାନଙ୍କ ହିତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରିବା ସହ ସେମାନଙ୍କ ପ୍ରାପ୍ୟ ପାଇବାକୁ କାର୍ଯ୍ୟ କରୁଛନ୍ତି।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚଟ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





**ଖବର**

## ଦେହରେ ଲାଗିଲା ହଳଦୀ, ଖୁବଶୀଘ୍ର ନାଗା ଚେତନ୍ୟ କରିବେ ବିବାହ





ସାଉଥ ଷ୍ଟାର ନାଗା ଚେତନ୍ୟ ଏବଂ ଶୋଭିତା ଧୁଲିପାଲା ଏବେ ଚର୍ଚ୍ଚାରେ ଅଛନ୍ତି। ଏହି ଦମ୍ପତି ସେମାନଙ୍କ ସମ୍ପର୍କକୁ ବହୁତ ଲୁଚାଇ ରଖିଥିବା ବେଳେ କିଛି ଦିନ ତଳେ ନିର୍ବନ୍ଧ କରି ନିଜ ସମ୍ପର୍କ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଅଗଷ୍ଟ ମାସ ଆରମ୍ଭରେ, ସେମାନେ ନିର୍ବନ୍ଧ କରି ପରସ୍ପରକୁ ଭଲ ପାଉଥିବା ବିଷୟରେ ସାର୍ବଜନୀନ କରିଥିଲେ। ନିର୍ବନ୍ଧ ପରେ ଏହି ଦମ୍ପତିଙ୍କ ଡିସେମ୍ବର ୪ରେ ବିବାହ କରିବାକୁ ଯାଉଥିବା ଜଣାପଡ଼ିଛି।ବିବାହ ପୂର୍ବରୁ ଏବେ ବିବାହର ରୀତିନୀତି ଆରମ୍ଭ ହୋଇଛି। ଆଜି ଶୋଭିତାଙ୍କ ଦେହରେ ହଳନୀ ଲାଗିଛି। ହଳଦୀ ପାଇଁ ଶୋଭିତା ହଳଦିଆ ରଙ୍ଗର ଶାଢ଼ୀ ପିନ୍ଧିଥିବା ଦେଖାଯାଇଛି। ଆଉ ଏକ ଫଟୋରେ ଶୋଭିତା ଲାଲ ରଙ୍ଗର ଶାୀ ପିନ୍ଧିଥିବା ବେଳେ ନାଗା ଚେତନ୍ୟ ଧଳା ରଙ୍ଗର କୂର୍ତ୍ତା ପିନ୍ଧିଛନ୍ତି।ତେବେ ନାଗା ଚେତନ୍ୟଙ୍କ ଏହା ହେଉଛି ଦ୍ୱିତୀୟ ବିବାହ। ଏହାପୂର୍ବରୁ ସେ ଗୋଆରେ ସାଉଥ୍ ସୁପରଷ୍ଟାର ସାମ୍ୟା ରୁଥ ପ୍ରଭୁଙ୍କୁ ବିବାହ କରିଥିଲେ। ହେଲେ ପରେ ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇ ଅଲଗା ହୋଇଯାଇଥିଲେ। ଛାଡ଼ପତ୍ର ପରେ ଚେତନ୍ୟ, ଶୋଭିତାଙ୍କ ପ୍ରେମରେ ପଡ଼ିଲେ ନା ସାମ୍ୟାଙ୍କ ସହ ଥିବା ବେଳେ ତାଙ୍କୁ ଧୋକା ଦେଇ ସେ ଶୋଭିତାଙ୍କୁ ଭଲପାଉଥିଲେ ତାହା ସାମ୍ନାକୁ ଆସିନାହିଁ ।

## ମହାଦେବଙ୍କ ବରଦାନ



ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

## ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

◆ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

◆ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

◆ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

◆ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

◆ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

◆ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

## ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ



ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।

ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଊର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଦ୍ଭୁତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।

ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ୍ୟ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।



## ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା



ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରାଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ରାଜଧାନୀ ଭୁବନେଶ୍ୱରରେ ମୋଦି ମାନିଆ









# ସୁରକ୍ଷା ବଳୟରେ ଭୁବନେଶ୍ୱର

**ଭୁବନେଶ୍ୱର, ୨୯।୧୧ (ମହାଭାରତ) :** ଡିଜିପି ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱର ଗତ କାଲି ଠାରୁ କଡା ସୁରକ୍ଷା ବଳୟ ଭିତରେ ରହିଛି। ବିମାନବନ୍ଦର ଠାରୁ ଆରମ୍ଭ କରି ଲୋକସେବା ଭବନ, ରାଜ୍ୟ ଅତିଥି ଭବନ, ଆଇପିଏସ୍ ମେସ୍, ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଅଧା ଭୁବନେଶ୍ୱର ଅଞ୍ଚଳ କମାଣ୍ଡୋ, ଏସ୍‌ପିଜି, ସିଆରପିଏଫ୍, ବିଏସ୍‌ଏଫ୍, ଏନ୍‌ଏସ୍‌ଜିଙ୍କ ଦ୍ୱାରା ସେନା ଛାଉଣିରେ ରହିଛି। ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମେତ ବିଭିନ୍ନ ରାଜ୍ୟର ଡିଜିପି ଓ ଡିଜି ମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଟେମ୍ପଲସିଟି ଭୁବନେଶ୍ୱରକୁ ଟେରର ସିଟିରେ ପରିଣତ କରିବାର ଧମକ ଦେବା ପରେ ଭୁବନେଶ୍ୱରକୁ ଏବଂ ଭିଭିଆଇପି ମାନଙ୍କୁ କଡା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି। ଭୁବନେଶ୍ୱରରେ ଆଜିଠାରୁ ଟ୍ରାଫିକ୍ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରିତ କରାଯିବା ସହିତ ସହରର ବିଭିନ୍ନ ଛକାଜାଗାରେ ଶସସ୍ତ୍ର ପୋଲିସ ବାହିନୀ ମୁତୟନ ରହି ରାଜଧାନୀର ସବୁ ଗୁରୁତ୍ୱପୂର୍ଣ୍ଣସ୍ଥାନ ଏପରିକି ଗଳିକନ୍ଦିରେ ମଧ୍ୟ ସତର୍କ ଦୃଷ୍ଟି ରଖିଛନ୍ତି। ଅନେକ ସ୍ଥାନରେ ସାଧା ପୋଷାକଧାରୀ ସଶସ୍ତ୍ର ଗୁଇନ୍ଦା ପରିସ୍ଥିତି ଉପରେ ନଜର ରଖିଛନ୍ତି।



ଲୋକସେବା ଭବନ, ରାଜଭବନ, ରାଜ୍ୟ ଅତିଥି ଭବନ, ଆଇପିଏସ ମେସ୍, ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ସୁରକ୍ଷାବଳୟ ଭିତରେ ରଖାଯାଇଛି।

ଦେଶର ନିରାପତ୍ତା ସମ୍ପର୍କରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଏଭଳି ଜାତୀୟ ସ୍ତରର ସମ୍ମିଳନୀ ପ୍ରଥମଥର ପାଇଁ ଓଡ଼ିଶାରେ ହେଉଥିବା ଦୃଷ୍ଟିରୁ ଭୁବନେଶ୍ୱରକୁ ଏଥିପାଇଁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରାଯାଇଛି। ଭିଆଇପି ମାନେ ଯେଉଁଆଡେ ଗତାଗତ କରିବେ ସେ ସବୁ ସ୍ଥାନରେ ବା ରୁଟ୍‌ରେ ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଇଛି ଏବଂ ସିସିଟିଭି ନଜରରେ ସମଗ୍ର ଭୁବନେଶ୍ୱରକୁ ରଖାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ କମାଣ୍ଡୋମାନେ ପଇଁତରା ମାରୁଛନ୍ତି। ସହରକୁ ସଂପୂର୍ଣ୍ଣ ହାଇଆଲର୍ଟରେ ରଖାଯାଇଛି। ଏହି ସମ୍ମିଳନୀ ତିନି ଦିନ ଧରି ଚାଲିବ। କୌଣସି ମୁହୂର୍ତ୍ତରେ ସାମାନ୍ୟତମ ବିଭ୍ରାଟ ଯେପରି ନ ହୁଏ ସେଥିପ୍ରତି କଡା ଧ୍ୟାନ ଦିଆଯାଇଛି। ଯେ କୌଣସି ଅଘଟଣକୁ ରୋକିବା ପାଇଁ ଆଣ୍ଟିଟେରରିଷ୍ଟ ଟିମ୍‌କୁ ମଧ୍ୟ ସ୍କ୍ୱାର୍ଡକୁ ନିୟୋଜିତ କରାଯାଇଛି।ଆଣ୍ଟି ଟେରରିଷ୍ଟ ଟିମ୍ ବିଭିନ୍ନ ସମ୍ବେଦନ ଅଞ୍ଚଳ ବିଶେଷ କରି ସମ୍ମିଳନୀ ଚାଲିଥିବା ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍ଥାନରେ ଏଭଳି କଡା ନଜର ରଖିଛନ୍ତି ଯେପରିକି ପିମ୍ପୁଡିଟିଏ ମଧ୍ୟ ପଶି ପାରିବ ନାହିଁ।

ଆଜି କେନ୍ଦ୍ରଗୃହମନ୍ତ୍ରୀ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ଏବଂ ଆସନ୍ତା ୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଯାପନ ଉତ୍ସବରେ ଯୋଗ ଦେବେ। ଏହି ତିନି ଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦେଶର ସୁରକ୍ଷା କ୍ଷେତ୍ରରେ ନିୟୋଜିତ ସମସ୍ତ ତୁଙ୍ଗ ଅଫିସର, କେନ୍ଦ୍ର ଗୃହ ସଚିବ, ସବୁ ରାଜ୍ୟ ପୋଲିସ ଡିଜି ଓ ଅନ୍ୟାନ୍ୟ ବିଭାଗୀୟ ଅଫିସର ମାନେ ଉପସ୍ଥିତ ରହି ଦେଶର ନିରାପତ୍ତା ସମ୍ପର୍କରେ ଆଲୋଚନା ଚଳାଇଛନ୍ତି।

## ନୌସେନା ଦିବସ ପାଇଁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର, ୨୯/୧୧ (ମହାରଭତ) :** ନୌସେନା ଦିବସ ପାଳନ ପୂର୍ବରୁ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରାଯାଇଛି। ନୌସେନାର ବରିଷ୍ଠ ଅଧିକାରୀମାନେ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଛନ୍ତି। ନୌସେନାର ବରିଷ୍ଠ ଅଧିକାରୀ ଶ୍ରୀମନ୍ଦିର ଯାଇ ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ପ୍ରଦାନ କରିଛନ୍ତି। ଆଇଏନଏସ୍ କଳିଙ୍ଗର ଅଫିସର ପ୍ରଦୀପ ପଟେଲ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ନିକଟରେ ନିମନ୍ତ୍ରଣ ପତ୍ର ଲାଗି କରିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ପୁରୀ ତଟରେ ଡିସେମ୍ବର ୪ ତାରିଖରେ ପାଳନ ହେବ ନୌସେନା ଦିବସ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ଉପସ୍ଥିତ ରହିବେ। ଏଥିପାଇଁ ବ୍ଲୁ ଫ୍ଲାଗ୍ ବିଚରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବ୍ଲୁଫ୍ଲାଗ୍ ବିଚ୍ରେ ନେଭି ଡେ’ ପାଳନ ପାଇଁ ଆରମ୍ଭ କାଉଣ୍ଟଡାଉନ ହୋଇଯାଇଛି।

# ଆଳୁଚାଷରେ ଆତ୍ମନିର୍ଭର ହେବ ଓଡ଼ିଶା

**ଭୁବନେଶ୍ୱର, ୨୯।୧୧ (ମହାଭାରତ) :** ଆଜି କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି। ରବି ଆଳୁଚାଷ ସଂପର୍କିତ ଆଲୋଚନା ନିମନ୍ତେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଆଳୁଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ରବି ଆଳୁ ଚାଷକୁ ଦୃଷ୍ଟିରେ ରଖି ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି। ପ୍ରଥମଥର ଲାଗି ୧୫,୦୨୩ ହେକ୍ଟରରେ ଆଳୁଚାଷ ହେଉଛି। ଏଯାବତ୍ ୧ ଲକ୍ଷ ୨ ହଜାର ୯୬୪ କ୍ୱିଣ୍ଟାଲର ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଅଦ୍ୟାବଧି ୫୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗିସାରିଛି।

ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଭାସି ମାଧ୍ୟମରେ ଯୋଗଦେଇଥିବା ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କଠାରୁ ଆବଶ୍ୟକ ପରିମାଣର ଆଳୁ ବିହନ ଯୋଗାଣ ବାବଦରେ ଅବଗତ ହୋଇଥିଲେ। ଚାଷୀମାନେ ପ୍ରାମାଣିକ ଆଳୁ ବିହନ କିଲୋଗ୍ରାମ ପିଛା ୨୦ ଟଙ୍କାରେ କ୍ରୟ କରିବେ ଏବଂ ବିହନ ଲଗାଇବା ପରେ କିଲୋଗ୍ରାମ ପିଛା ୧୦ଟଙ୍କା ନିଜ ଆକାଉଣ୍ଟକୁ ଫେରସ୍ତ ପାଇବେ।

ଏହି ପ୍ରକ୍ରିୟାରେ କୌଣସି ପ୍ରକାର ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂପୂର୍ଣ୍ଣ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଧିକାରୀମାନେ ଯତ୍ନବାନ ହେବାକୁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବିହନ ଯୋଗାଣ ନିମନ୍ତେ କେବଳ ଏନ୍‌ଏସସି ଅନୁବନ୍ଧିତ ଫାର୍ମ ହିଁ ଆଳୁ ବିହନ ଯୋଗାଉଛନ୍ତି। ଆଜି ସୁଦ୍ଧା ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଏ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି ଏବଂ ୩୪୭୦ଗୋଟି ସଚେତନତା ବୈଠକ କରାଯାଇ ଆଳୁଚାଷର ପ୍ରଣାଳୀ ବିଷୟରେ ଅବଗତ କରାଯାଇଛି। ରାଜ୍ୟରେ ୩୦୫୮ଟି କ୍ଲଷ୍ଟର ବଛାଯାଇଛି ଯେଉଁଥିରେ ପ୍ରମୁଖ ଭାବେ ଆଳୁଚାଷ କରାଯିବ ଏବଂ ଏଥି ପାଇଁ ୯୫,୮୪୧ ଜଣ ହିତାଧିକାରୀ ଚିହ୍ନଟ ହୋଇଛନ୍ତି।

ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା ବିହନ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା କୃଷି ଓ ଉଦ୍ୟାନ କୃଷି ଅଧିକାରୀ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

# ସ୍କୁଲ ଓ ଅଙ୍ଗନୱାଡିରେ ଦିଆଯିବ ଓମ୍‌ଫେଡ୍ ଗୁଣ୍ଡ ଦୁଗ୍ଧ

**ଭୁବନେଶ୍ୱର, ୨୯।୧୧ (ମହାଭାରତ) :** ଏଣିକି ରାଜ୍ୟର ସ୍କୁଲ ଓ ଅଙ୍ଗଡ଼ୱାଡି ଗୁଡ଼ିକରେ ଛାତ୍ରଛାତ୍ରୀ ମାନଙ୍କୁ ଓମଫେଡ଼ ତିଆରି ଗୁଣ୍ଡ ଦୁଗ୍ଧ ଯୋଗାଇ ଦିଆଯିବ ବୋଲି ଓମଫେଡ଼ ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଓମଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଓମଫେଡକୁ କିପରି ଆଗେଇ ନେବା ସହ ଉତ୍ତମ ଗୁଣବତ୍ତା ବିଶିଷ୍ଟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଉତ୍ପାଦ ମାର୍କେଟକୁ ଯାଇପାରିବ ସେ ସଂପର୍କରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ନିଜ ନିଜର ବହୁ ମୂଲ୍ୟ ମତାମତ ଦେଇଥିଲେ। ଦୁଗ୍ଧ ସଂଗ୍ରହ ସହ ଉତ୍ପାଦ ବୃଦ୍ଧି କରିବା ଏବଂ ଓମଫେଡ ଉତ୍ପାଦନଗୁଡିକ କପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ସେ ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା।

ଗ୍ରାମାଞ୍ଚଳରେ କ୍ଷୀରଧାରା କେନ୍ଦ୍ରମାନ ଖୋଲିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିବା ସହ ଏହାକୁ ଆହୁରି ପରିବ୍ୟାପ୍ତ କରିବା ପାଇଁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା। ଓମଫେଡ୍ ଘିଅ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବାରୁ ଏହାକୁ ସମସ୍ତେ ସ୍ୱାଗତ କରିଥିଲେ।

ଆଗାମୀ ଦିନରେ ରାଜ୍ୟର ସମସ୍ତ ବଡ ବଡ ମନ୍ଦିରରେ କିପରି ଓମଫେଡ୍ ଘିଅ ଲାଗି ହୋଇପାରିବ, ସେ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇଥିବା ସଂପର୍କରେ ମଧ୍ୟ ପରିଚାଳନା ନିର୍ଦ୍ଦେଶକ ପରିଷଦକୁ ଅବଗତ କରାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାକୁ ଗ୍ରାମାଞ୍ଚଳକୁ ବ୍ୟାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ରାଜ୍ୟ ସରକାର ୬୫.୪୯ କୋଟି ଟଙ୍କା ମଂଜୁର କରିଥିବାରୁ ରାଜ୍ୟ ସରକାରଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଓମଫେଡ଼ ଗୁଣ୍ଡ ଦୁଗ୍ଧ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଛି। ସେହି ପରି ଷ୍ଟେଟ ସେଣ୍ଟ୍ରାଲ ଲାବ୍ରୋଟାରୀ ମଧ୍ୟ ଅରିଲୋଠାରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୁଗ୍ଧ କାରଖାନାଠାରେ ପାଇପ ଦ୍ୱାରା ପ୍ରାକୃତିକ ଗ୍ୟାସ୍ ଯୋଗାଣ, ଅରିଲୋଠାରେ ଏକ ପାର୍ଲୋର ଖୋଲାଯିବାକୁ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି ହୋଇଛି।ବୈଠକରେ ଶ୍ରୀ କୁଲାଙ୍ଗେଙ୍କ ସମେତ ଜେନେରାଲ ମ୍ୟାନେଜର (ଡାଏରୀ ଅପରେସନ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର (ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡକ୍ଟର ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ ବୋର୍ଡର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା ପରିଷଦର ସଂପାଦକ।

# ଚାରି ମାଓବାଦୀ ଗିରଫ

**ଭୁବନେଶ୍ୱର, ୨୯/୧୧ (ମହାଭାରତ) :** ମାଲକାନଗିରି ଜିଲ୍ଲା ସୀମାନ୍ତରେ ମାଓ ଦମନ ଅଭିଯାନ ସମୟରେ ଚାରି ସକ୍ରିୟ ମାଓବାଦୀଙ୍କୁ ଗିରଫ କରିଛି ପୋଲିସ। ଗିରଫ ହୋଇଥିବା ମାଓବାଦି ମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରିଛି ପୋଲିସ।ଛତିଶଗଡର ବିଜାପୁର ଜିଲ୍ଲା ଅନ୍ତର୍ଗତ ଭୈରମଗଡ଼ ଥାନାର ପୋନ୍ଦୁମ ଅଞ୍ଚଳରେ ମାଓ ଗତିବିଧି ନେଇ ପୋଲିସକୁ ଖବର ମିଳିଥିଲା। ଏହି ଖବର ପାଇବା ପରେ ପୋଲିସ ଓ ଜବାନ ମିଳିତ ଭାବେ ତଲାସୀ ଅଭିଯାନ ଜାରି ରଖିଥିଲେ। ଠିକ ଏହି ସମୟରେ ଚାରି ସନ୍ଦିଗ୍ଧ ବ୍ୟକ୍ତି ସୁରକ୍ଷାକର୍ମୀଙ୍କୁ ଦେଖି ଜଙ୍ଗଲ ମଧ୍ୟକୁ ଦଉଡି ପଳାଇଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କୁ ପିଛା କରିବା ସହ ସେମାନଙ୍କୁ କାବୁ କରିଥିଲେ। ପରେ ସେମାନଙ୍କ ପାଖରେ ଥିବା ଏକ ବସ୍ତାରୁ ମାଓ ବିସ୍ଫୋରକ ସାମଗ୍ରୀ ମିଳିବା ପରେ ବିଜାପୁରୁ ପୁଲିସ ସେମାନଙ୍କୁ ଗିରଫ କରିଥିଲା।ଗିରଫ ହୋଇଥିବା ଚାରି ମାଓବାଦୀ ମାନେ ହେଲେ ସକୁ ହପକା, ମନୁ ହପକା, ଲଛୁ ମାଡ଼ବି, କୋସଲା ମାଡ଼ବି।ସେମାନଙ୍କ ନିକଟରୁ ଟିଫିନ ବୋମା, କର୍ଡେକ୍ସ ତାର, ସ୍ୱିଚ, ମାଟି ଖୋଳିବା ସାମଗ୍ରୀ ଆଦି ଜବତ ହୋଇଥିବା ନେଇ ପୁଲିସ ସୂଚନା ଦେଇଛି।

## ଜଙ୍ଗଲ ନିଆଁ ରୋକିବାକୁ ପାଟ୍ରୋଲିଂ କରିବ ଅଲ୍‌-ଟେରେନ୍ ମୋଟର ଯାନ

**ଭୁବନେଶ୍ୱର, ୨୯।୧୧ (ମହାଭାରତ):** ରାଜ୍ୟରେ ଥିବା ୧୯ ଗୋଟି ଅଭୟାରଣ୍ୟ, ଗୋଟିଏ ଜାତୀୟ ଉଦ୍ୟାନ, ୨ଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଏବଂ ୨ ଗୋଟି ସଂରକ୍ଷିତ ଅଞ୍ଚଳକୁ ଏଗୁଡ଼ିକୁ ବଣ୍ଟନ କରାଯାଇଛି। ରାଜ୍ୟ ଉଦ୍ଭିଦ ଉଦ୍ୟାନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୮ଟି ଜିଲ୍ଲାରେ ଥିବା ଜଙ୍ଗଲ ପାଇଁ ୧୩୯ଟି ଅତ୍ୟାଧୁନିକ ଗାଡ଼ି ବଣ୍ଟନ କରାଯାଇଛି। ଯେଉଁଥିରେ ରହିଛି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୫୧ଟି ଅଲ-ଟେରେନ୍ ମୋଟର ଯାନ ବା ଏଟିଭି। ଏହି ଗାଡ଼ିଗୁଡ଼ିକ ଜଙ୍ଗଲର ପ୍ରତି ସ୍ଥାନକୁ ଯିବାକୁ କ୍ଷମତା ରଖିଛି। ବାଲି, ମାଟି, କାଦୁଅ, ପଥର ଉପରେ ଚଢି ଯେକୌଣସି ପରିସ୍ଥିତିରେ ଜଙ୍ଗଲ ଭିତରକୁ ଯାଇ ପାଟ୍ରୋଲିଂ କରିବାରେ ସକ୍ଷମ ହେବ। ପ୍ରାକୃତିକ ବିପଦକୁ କମ୍ କରିବା ସହ ଗୁପ୍ତ କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ।ଏହି ଗାଡ଼ିରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେହିପରି କଷ୍ଟୋମାଇଜଡ୍ ସ୍ପ୍ରିଙ୍କଲର ସିଷ୍ଟମ୍ ସହିତ ୪୧ ଅଗ୍ନି ନିର୍ବାପକ ୟୁନିଟ୍ ଏବଂ ୪୭ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ଜଙ୍ଗଲ କ୍ଷେତ୍ର ବିଭାଗକୁ ପ୍ରଦାନ କରାଯାଇଛି। ସଡକ ପାର୍ଶ୍ୱରେ ଘଟୁଥିବା ଅଗ୍ନିକାଣ୍ଡକୁ ରୋକିବାକୁ ଦୃଷ୍ଟିରେ ରଖି ସ୍ପ୍ରିଙ୍କଲରକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି।

# ୪୮ ଘଣ୍ଟାରେ ମିଳିବ ଏମ୍‌ଏସ୍‌ପି

**ଭୁବନେଶ୍ୱର, ୨୯।୧୧ (ମହାଭାରତ):** ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟରେ ଧାନକିଣା ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ତି। ଏଥି ନିମନ୍ତେ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଦିନରାତି ୨୪ ଘଣ୍ଟିଆ। ଭିତ୍ତିରେ କାର୍ଯ୍ୟକରି ଚାଷୀମାନଙ୍କ ହିତରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। କୌଣସି ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଯୋଗାଣ ବିଭାଗ ପକ୍ଷରୁ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ଅଧିକାରୀମାନେ ଚାଷୀମାନଙ୍କ ହିତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରିବା ସହ ସେମାନଙ୍କ ପ୍ରାପ୍ୟ ପାଇବାକୁ କାର୍ଯ୍ୟ କରୁଛନ୍ତି।

ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରାରମ୍ଭିକ ଭାବେ ମ୍ୟାପିଂ କରାଯିବା ସହ ଶତପ୍ରତିଶତ ଭାବେ ଯାଞ୍ଚ କରାଯାଉଛି । ଏହାକୁ ବୈଷୟିକ ଉପଯୋଗୀ କରାଯାଇ ଡିଜିଟାଲ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ଏହି ପ୍ରାପ୍ୟ ପ୍ରଦାନ କରାଯାଉଛି। ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନିଆଯାଉଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି।

## ସର୍ବଭାରତୀୟ ଡିଲର୍ସ ଫେଡେରେସନର ବିକ୍ଷୋଭ

**ଭୁବନେଶ୍ୱର, ୨୯।୧୧ (ମହାଭରତ) :** ସାମ୍ବାଦିକ ସମ୍ମଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ସର୍ବଭାରତୀୟ ଡିଲର୍ସ ଫେଡେରେସନ (ଓଡ଼ିଶା ଶାଖା)। ଉତ୍କଳ ସାମ୍ବାଦିକ ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଫେଡେରେସନ ପକ୍ଷରୁ ସରକାରଙ୍କ ନିକଟରେ ୭ ଦଫା ଦାବି ରଖାଯାଇଛିଫ ସେଗୁଡ଼ିକ ହେଲା, ଅନ୍ୟ ରାଜ୍ୟ ସରକାରଙ୍କ ପରି କୁଇଣ୍ଟାଲ ପିଛା ୨୦୦ଙ୍କା ପାରିଶ୍ରମିକ ଅର୍ଥରାଶି ପ୍ରଦାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କ କୋରୋନା ମହାମାରୀ ସମୟରୁ ଆଜି ଯାଏଁ ବକେୟା ସମସ୍ତ ପାରିଶ୍ରମିକ ଏକକାଳୀନ ପ୍ରଦାନ, ପରିବହନ ଠିକାଦାରମାନଙ୍କ ଦ୍ୱାରା ସାମଗ୍ରୀ ପହଞ୍ଚାଣ ସମୟରେ ହେଉଥିବା ବ୍ୟାପକ ଅନିୟମିତତା ବନ୍ଦ କରିବା ପାଇଁ ସ୍ଥଗିତ ରହିଥିବା ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରି ଧାର୍ଯ୍ୟ ଓଜନ ମାପ ଅନୁସାରେ ସାମଗ୍ରୀ ପହଞ୍ଚାଇବା, କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କୁ ଇ-କେୱାଇସି ବାବଦ ପାରିଶ୍ରମିକ ଅର୍ଥ ତୁରନ୍ତ ପ୍ରଦାନ କରିବା, ସାମଗ୍ରୀ ବଣ୍ଟନ ସମୟରେ ସର୍ଭର ଡାଉନ୍, ଲିଙ୍କ୍ ଫେଲ୍, ନେଟୱାର୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା, ଅନ୍ୟ ରାଜ୍ୟ ପରି ୩ ବର୍ଷିଆ। ନବୀକରଣ କରିବା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା-୨୦୧୩ ନିୟମ ଅନୁଯାୟୀ ଖୁଚୁରା ବିକ୍ରେତାମାନଙ୍କୁ ଅଗ୍ରୀମ ପାରିଶ୍ରମିକ ରାଶି ପ୍ରଦାନ।

# ଅର୍ବାନ ମାଜେଷ୍ଟିକ୍ କାମ ବନ୍ଦ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୧ (ମହାଭରତ):** ଭୁବନେଶ୍ୱର ପଟିଆ। ଅଂଚଳରେ ତିଆରି ଚାଲିଥିବା ଅର୍ବାନ ମାଜେଷ୍ଟିକ୍ କାମକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମସି)। ବିଏମସି କମିଶନର ନଭେମ୍ବର ୧୯ ତାରିଖରେ ଦେଇଥିବା ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ବିଭାଗ (ଜିଏ)ର ସେପ୍ଟେମ୍ବର ୨୧ ତାରିଖର ଚିଠି ମୁତାବକ ଏଭଳି ବିବାଦୀୟ କାମକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆପାର୍ଟମେଣ୍ଟ ନିର୍ମାଣ ହେଉଥିବା ଜମି ବିବାଦୀୟ ହୋଇଥିବାରୁ ଉପଯୁକ୍ତ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ପଡ଼ିବ। ଏହି ଜମିରେ ପ୍ରକଳ୍ପ କାମ ଆଗେଇ ନେଉଥିବା ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡର ଅନ୍ୟତମ ନିର୍ଦ୍ଦେଶକ ଅମନ ଅଗ୍ରୱାଲଙ୍କୁ ଏହି ଚିଠି କରାଯାଇଛି।

କିଟ୍ ଛକଠାରୁ ମାତ୍ର କିଛି ଦୂରରେ ଥିବା ଏହି ୫ ଏକର ଜମିକୁ ୧୯୭୯ ମସିହାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜର ପ୍ରୋପାଇଟର ତେଜପାଲ ସିଂହଙ୍କୁ ୯୯ ବର୍ଷ ଲିଜରେ ଦିଆଯାଇଥିଲା। ମାତ୍ର ୧୯୯୪ ମସିହାରେ ନୟାପଲ୍ଲୀ ଦିନଲିପି ଭବନରୁ ଚାଲୁଥିବା ଏକ କମ୍ପାନୀ-ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ୨୦୧୩ ମସିହାରେ ଡିଡ୍ ଅଫ୍ ଆସାଇନମେଣ୍ଟ ଜରିଆରେ ସମସ୍ତ ସମ୍ପତ୍ତିର ମାଲିକ ହୋଇଥିଲା ବୋଲି ଓରେରା, ବିଏମସି, ଡିଆଇସି ଭଳି କର୍ତ୍ତୃପକ୍ଷଙ୍କୁ ଦର୍ଶାଇଥିଲା।

୨୦୨୨ ମସିହାରେ ଶିଳ୍ପ ପାଇଁ ଦିଆଯାଇଥିବା ଏହି ୫



ଏକର ଲିଜ ଜମିର କିସମକୁ ଘରବାରି କିସମରେ ବଦଳାଇ ଦେଇଥିଲେ ଭୁବନେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳ। ପ୍ରାୟ ବର୍ଷେ ତଳେ ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ଏହି ୫ ଏକର ଜମିରେ ଏକ ୬ ଟାୱାର ବିଶିଷ୍ଟ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ତିଆରି କରିବା ପାଇଁ ଅର୍ବାନ ଲିଭିଂ ବିଲଡର୍ସ ନାମକ ଅନ୍ୟ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। କାମ ଅନେକ ବାଟ ଆଗେଇ ଯିବା ପରେ ଜିଏ, ଓରେରା, ବିଏମ୍‌ସି ଭଳି ଅନେକ କର୍ତ୍ତୃପକ୍ଷଙ୍କର ଚେତା ପଶିଥିଲା।

ପ୍ରତିବାଦୀ ସଂସ୍ଥା ଗୁଡ଼ିକ ହାଇକୋର୍ଟ ଯିବା ପରେ ସେପ୍ଟେମ୍ବର ୨୫ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଏସକେ ପାଣିଗ୍ରାହୀ ଏକ ଆଦେଶ ଦେଇଥିଲେ। ଏହି ଜାଗା ଓ ପ୍ରକଳ୍ପ ବାବଦରେ ଅନେକ ଏଜେନ୍ସି ଏନ୍‌ଓସି ଦେବା ଓ ଅନେକ ଲୋକ ଘର ବୁକ କରିବା ପରେ ପ୍ରତିପକ୍ଷଙ୍କୁ ନଶୁଣି କାର୍ଯ୍ୟାନୁଷ୍ଠାନ ନେବା ନ୍ୟାୟପୂର୍ଣ୍ଣ ହେବ ନାହିଁ ବୋଲି ଆଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ରାୟ ପରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରତିପକ୍ଷଙ୍କୁ ଶୁଣିବା ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅକ୍ଟୋବର ୨୩ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଅକ୍ଟୋବର ୨୩ ତାରିଖରେ ଦେଇଥିବା ତାଙ୍କ ନିର୍ଦ୍ଦେଶରେ ଲେଖିଛନ୍ତି- ଜିଲ୍ଲାପାଳ ତୁରନ୍ତ ସଂପୃକ୍ତ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ବିରୋଧରେ ଏଭଳି ବେଆଇନ୍ କାର୍ଯ୍ୟ ପାଇଁ ଏଫ୍‌ଆଇଆର୍ ରୁଜୁ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

# ଓଡିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯।୧୧ (ମହାଭାରତ.):** କେଉଁ ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି ଓ ଖ୍ରୀଷ୍ଟ ପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି।

ଏହାର ପରବର୍ତ୍ତୀ କାଳରେ ରଚିତ ଅଷ୍ଟାଙ୍ଗ ଆୟୁର୍ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଯେଉଁଥିରେ ମୁଖ୍ୟତ ବୃକ୍ଷଲତା ମାନଙ୍କର ସରଳ ପ୍ରୟୋଗ ତଥା ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତିର ବିଧି ବିଧାନ ସହିତ ରୋଗ ଚିକିତ୍ସାର ବର୍ଣ୍ଣନା ରହିଛି । ପ୍ରାଥମିକ ଉପଚାରରେ ପ୍ରୟୋଗ ହେବା ଭଳି ତଥା ଘରୋଇ ଚିକିତ୍ସା ଭାବରେ ବ୍ୟବହାର କରାଯିବା ଭଳି ପଞ୍ଚ କଷାୟ ଯେପରିକି ସ୍ୱରସ ବା ଫ୍ରେସ ଜୁଇସ, କଳ୍କ ବା କ୍ରୁବସ୍ୱପ୍ପର , କଷାୟ ବା ପାଚନ, ଫାଣ୍ଟ ଓ ହିମ ବା କୋଲ୍ଡ ଇନ୍ଫ୍ୟୁସନ୍‌ର ପ୍ରସ୍ତୁତି ପ୍ରଣାଳୀ ବିଷୟରେ କୁହାଯାଇଛି ଓ କେତକ ଔଷଧୀୟ ବୃକ୍ଷକୁ ଆମେ ଘରର ଅଗଣା ବା ବାଡ଼ି ବଗିଚାରେ ମଧ୍ୟ ରୋପଣ କରାଯାଇ ପାରିବ ଯାହାକି ଦୈନିଦିନ ଭାବରେ ବା ଅକସ୍ମାତ ଭାବରେ ଏହାକୁ ପ୍ରୟୋଗ କରାଯାଇପାରିବ।

# ବାଲ୍ୟ ବିବାହ ବ୍ୟାଧି

ଏହା ନିସନ୍ଦେହ ଯେ, ଦେଶରେ ବାଲ୍ୟବିବାହକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ ସୁପ୍ରିମକୋର୍ଟ ବାଲ୍ୟ ବିବାହ ନିଷିଦ୍ଧ ଆଇନ-୨୦୦୬କୁ କଡାକଡି ଭାବେ କାର୍ଯ୍ୟକାରି କରିବା ସହ ପାର୍ଲିଆମେଂଟ ଏ ଦିଗରେ କଠୋର ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେବା ନିଶ୍ଚିତ ଭାବେ ଏକ ସମୟୋଚିତ ନିର୍ଦ୍ଦେଶ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ବ୍ରିଟିଶ ଶାସନ ଅମଳରେ ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ପ୍ରୟାସ କ୍ରମେ ଦେଶରେ ସତୀଦାହ ଏବଂ ବାଲ୍ୟ ବିବାହକୁ ନିଷିଦ୍ଧ କରାଯାଇଥିଲା। କେବଳ ଏତିକି ନୁହେଁ, ଗତ ୨୦୦୬ ମସିହାରେ ଦେଶରେ ବାଲ୍ୟ ବିବାହ ନିଷିଦ୍ଧ ଆଇନ ମଧ୍ୟ ପ୍ରଣୟନ ହୋଇଛି। ସବୁଠୁ ପରିତାପର ବିଷୟ ଯେ, ଦେଶ ସ୍ୱାଧୀନ ହେବାର ଆଠ ଦଶନ୍ଧି ପୁରିବାକୁ ଯାଉଥିବାବେଳେ ଏବେ ବି ଦେଶରେ ପ୍ରତି ୪ଜଣରେ ଜଣେ ମହିଳା ବାଲ୍ୟ ବିବାହ କରୁଥିବା ସରକାରୀ ତଥ୍ୟ କହେ। ଆହୁରି ମଧ୍ୟ ପୁଅଙ୍କ ବିବାହ ବୟସ ୨୫ବର୍ଷ ଓ ଝିଅଙ୍କ ବିବାହ ବୟସ ୨୧ବର୍ଷକୁ ବୃଦ୍ଧି କରିବା ପାଇଁ ସରକାର ପ୍ରୟାସ କରୁଥିବାବେଳେ ଦେଶରେ ଯେପରି ବାଲ୍ୟବିବାହ ବଢିଚାଲିଛି, ଏହା କେବଳ ଆଇନକୁ ଆଖିଠାର ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ନିସନ୍ଦେହ ଯେ, ବାଲ୍ୟ ବିବାହକୁ ରୋକିବାରେ ଆଇନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଲୋକ ପରମ୍ପରା ଏବଂ ସୁବିଧା ଅସୁବିଧାକୁ ଆଳ କରି ବାଲ୍ୟ ବିବାହ ଯେପରି ବଢିଚାଲିଛି, ତାହା କେବଳ ଆଇନର ଦୁର୍ବଳତା, ତ୍ରୁଟିକୁ ଦର୍ଶାଉନାହିଁ, ସାମାଜିକ କୁସଂସ୍କାରକୁ ପରୋକ୍ଷରେ ଉତ୍ସାହିତ କରୁଛି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବାଲ୍ୟ ବିବାହର ପରିଣତ ସ୍ୱାସ୍ଥ୍ୟଗତ ସଂକଟକୁ ବୃଦ୍ଧି କରାଇବାରେ ସହାୟକ ହେଉଛି। ଦେଶରେ ଶିଶୁ ମାତୃ ମୃତ୍ୟୁ ହାର ଏବେ ବି ଉଦ୍‌ବେଗଜନକ ସ୍ଥିତିରେ ରହିଥିବାବେଳେ ଅପରିପକ୍ୱ ବୟସରେ ଗର୍ଭଧାରଣ ଏହାର ଏକ ପ୍ରମୁଖ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳର ବାଲ୍ୟ ବିବାହ ଉତ୍କଟ ଆକାର ଧାରଣ କରିଥିବା ସରକାରୀ ରିପୋର୍ଟ କହେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ବାଲ୍ୟବିବାହ ହେଉଛି। ଜିଲ୍ଲାରେ ୧୫ରୁ ୧୯ବର୍ଷ ବୟସ ମଧ୍ୟରେ ଗର୍ଭବତୀ ଏବଂ ମାତୃତ୍ୱଲାଭ କରିଥିବା କିଶୋରୀଙ୍କ ସଂଖ୍ୟା ଦେଶରେ ହେଁ ବାଲ୍ୟ ବିବାହର ୮.୩ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାଯାଇଛି। ସେହିପରି ଜିଲ୍ଲାରେ ଗତ ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ଅର୍ଥାତ ୭ମାସ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩,୬୦୪ ଜଣ ଗର୍ଭବତୀ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ଯାହାକି ୭.୩ ପ୍ରତିଶତ। କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶରେ ଲୋକ ପରମ୍ପରା ଓ ସୁବିଧା-ଅସୁବିଧା ଆଳରେ ବାଲ୍ୟବିବାହ ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି କରିଛି। ବାଲ୍ୟ ବିବାହ ସମ୍ପୂର୍ଣ୍ଣ ନିଷିଦ୍ଧ ଓ କଠୋର ଦଣ୍ଡବିଧାନ ନେଇ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦାୟର ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ତିନିଜଣିଆ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଯାହା କହିଛନ୍ତି, ତାହା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ। ଖଣ୍ଡପୀଠ କହିଛନ୍ତି ଯେ, ବାଲ୍ୟବିବାହ ନିଷିଦ୍ଧ ଆଇନକୁ ବ୍ୟକ୍ତିଗତ ଆଇନ ଜରିଆରେ ବ୍ୟାଧି କରାଯାଇପାରିବ ନାହିଁ। ସେହିପରି ବାଲ୍ୟବିବାହ ଦ୍ୱାରା ନିଜ ଇଚ୍ଛାନୁସାରେ ଜୀବନ ସାଥି ବାଛିବାକୁ ରହିଥିବା ସ୍ୱାଧୀନତାକୁ ଉଲଂଘନ କରେ। କେବଳ ଏତିକି ନୁହେଁ, ବାଲ୍ୟ ବିବାହ ଜୀବନ ସମ୍ବିଧାନର ୨୧ଧାରାରେ ପ୍ରଦତ୍ତ ଜୀବନ ଓ ସ୍ୱାଧୀନତାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଶିଶୁ ଅବସ୍ଥାରେ ବିବାହ ଦ୍ୱାରା ଶିକ୍ଷା ଅଧିକାର, ସ୍ୱାଧୀନ ଭାବେ ବାଛିବା ଓ ସ୍ୱତନ୍ତ୍ରତାର ଅଧିକାର ଏବଂ ଭବିଷ୍ୟତ ବିକାଶର ଅଧିକାରକୁ ଧୂଳିସାତ୍ କରୁଛି। ସେହିପରି ସେମାନଙ୍କରୁ ସ୍ୱାସ୍ଥ୍ୟ ସୁରକ୍ଷା ଅଧିକାରକୁ ମଧ୍ୟ ଉଲଂଘନ କରୁଛି ବୋଲି ଅଦାଲତ ଦର୍ଶାଇଛନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବ୍ୟକ୍ତିଗତ ଆଇନ ଗୁଡିକରେ ସମ୍ପର୍କ ନିଷ୍ପତି ନେବା ପ୍ରସଙ୍ଗ ପାର୍ଲିଆମେଂଟର ବିଚାରାଧୀନ ଥିବା ବେଳେ ବାଲ୍ୟବିବାହ ନିର୍ବନ୍ଧକୁ ବେଆଇନ ଘୋଷଣା କରିବା ପାଇଁ ସଂସଦ କଠୋର ଆଇନ ପ୍ରଣୟନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଏଥିସହ ଅଦାଲତ ମଧ୍ୟ କେତେକ ଗାଇଡ ଲାଇନ ଜାରି କରିଛନ୍ତି। ଜିଲ୍ଲାସ୍ତରରେ ବାଲ୍ୟ ବିବାହ ନିଷେଧ ଅଫିସରମାନଙ୍କୁ ନିଯୁକ୍ତି ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ଶିଶୁ ବିବାହକୁ ରୋକିବା ପାଇଁ ମାଜିଷ୍ଟ୍ରେଟମାନେ 'ଗଣବିବାହ' ବିବାହ ପାଇଁ ଶୁଭ ତିଥି ଉପରେ ଗୁରୁତ୍ୱଦେବା ଜରୁରୀ। ସେହିପରି ଶିଶୁ ବିବାହ ଉପରେ ରିପୋର୍ଟ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ ଖୋଲିବା ସହ ପ୍ରତି ୧୫ଦିନରେ ଜିଲ୍ଲାସ୍ତରର ସ୍ୱତନ୍ତ୍ରେ ଅଫିସରମାନେ ରିପୋର୍ଟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିକ୍ଷାର ପ୍ରସାର, ସାମାଜିକ କୁସଂସ୍କାର ତଥା ଅପରିପକ୍ୱ ବୟସରେ ଶିଶୁ ବିବାହକୁ କୁପରିଣତ ସମ୍ପର୍କରେ ବ୍ୟାପକ ଜନସଚେତନତା ଲୋଡା। ଯାହାକି ଗଣ ଆନ୍ଦୋଳନରେ ପରିଣତ ଦରକାର। ଯାହାକି ବାଲ୍ୟ ବିବାହକୁ ରୋକିପାରିବ।

# ସାମଗ୍ରିକ ନବଜାତକ ଯତ୍ନ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ ୟୁନିଟ ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିପରି ଏନବିଏସୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ୍ୟ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନବିଏସୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣୀତ କରିଛି।

ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱିସ୍ଥିକର ହୋଇଥାଏ । ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ । ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ । ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ । ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ । ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ । ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇ ପାରନ୍ତି । ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ । ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ । ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି । ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ । ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି । ଯାହାଫଳରେ ପେଟ ଫୁଲିଥାଏ । ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି । ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ । ଏହା ୧୦/୧୫ ଦିନ ରହିଥାଏ । ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ । ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ । ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ । କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ । ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା । ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ । ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ । ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ ।



ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତା ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧ୍ୟରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସବୁ ରାଜ୍ୟରେ ଏନବିଏସୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନବିଏସୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା।। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନବିଏସୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ନିକଟରେ ଏନବିଏସୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନା ଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନବିଏସୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜୀବନ ରକ୍ଷା କରିବାରେ ବେଶ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁ ବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୫ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ (ଏସଏନଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ, କଙ୍ଗାରୁ ମଦର କେୟାର ୟୁନିଟ ଆଦି ସ୍ଥାପନ, ଭାରତର ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟି ହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି। ଓଡ଼ିଶା ସରକାରଙ୍କ ଜଣେ ଦକ୍ଷ, ଅନୁଭବୀ ଓ ମୋହନ ଚରଣ ମାଝୀଙ୍କ ମୁଖ୍ୟମନ୍ତ୍ରୀ ଘନିଷ୍ଠ ସହଯୋଗୀ ଭାବେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ରହିଛନ୍ତି ଡାକ୍ତର ମୁକେଶ ମହାଲିଙ୍ଗ। ଲୋକପ୍ରିୟ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସରକାରଙ୍କ ଶୂନ୍ୟ ମୃତ୍ୟୁ ନୀତିକୁ ସେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରି ରାଜ୍ୟର ବିକାଶରେ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱକୁ ସେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି। ଯାହାଦ୍ୱାରା ଓଡ଼ିଶା ଏହି ବିରଳ ସଫଳତା ଓ ଗୌରବ ପାଇପାରିଛି।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪,

# କଥାକାର ଅଖିଳମୋହନ

## ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଖବରକାଗଜ ଏକ ଅନବଦ୍ୟ ସୃଷ୍ଟି। ଏଥିରେ ପ୍ରାବନ୍ଧିକ ଲେଖିଛନ୍ତି କାଗଜରୁ ଅନେକ କଥା ହୁଏ। ମାତ୍ର, କାଗଜର ବଡ଼ ସାର୍ଥକତା ହେଉଛି, ଖବରକାଗଜ ହେବାରେ। ଖବରକାଗଜ ଖଣ୍ଡେ କିଣି ହାତରେ ମୋଡ଼ି ଧରିବା ଦରକାର। ନହେଲେ ବିପଦର ସମ୍ମୁଖୀନ ହେବାକୁ ପଡ଼େ। ଖବରକାଗଜ ମାଗିନେଇ ପଢ଼ିବା ଲୋକର ବି ଅଭାବ ନାହିଁ। କ୍ଷମା କରିବେ, କହି କାଗଜ ଖଣ୍ଡ ମାଗି ପଢ଼ନ୍ତି। ଏହି ପ୍ରବନ୍ଧରେ ସେ ଆହୁରି ମଧ୍ୟ ଲେଖିଛନ୍ତି, ଖବରକାଗଜରେ କିଛି ବାହାରିଥିଲେ, ରକ୍ଷା ନାହିଁ। ସେ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଯାଏ। ଉଠିପଳାଇବାର ଉପାୟ ନଥାଏ। ସ୍ଥାନଟି ବକ୍ତୃତା ମଞ୍ଚରେ ପରିଣତ ହେବାର ଆଶଙ୍କା ଥାଏ। ଅନେକ ବକ୍ତୃତା ଦେବା ପାଇଁ ଖବରକାଗଜ ପଢ଼ନ୍ତି। ତେବେ, ସମୟ ଥିବା ଦରକାର। ପୁଣି ଲେଖିଛନ୍ତି, ପ୍ରୌଢ଼ ଓ ବେକାରମାନେ ହିଁ ଖବରକାଗଜର ମୁଖ୍ୟ ପାଠକ। ପ୍ରବନ୍ଧଟି ଲେଖିଥିଲେ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ। ସେ ଥିଲେ ସୃଷ୍ଟିଧର୍ମୀ ସାହିତ୍ୟିକ। ଗଳ୍ପ, ଲଳିତ ନିବନ୍ଧ, ଭ୍ରମଣ ବୃତ୍ତାନ୍ତ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିବା ସ୍ରଷ୍ଟା। ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର। ସେ ଥିଲେ ବାସ୍ତବବାଦୀ କଥାକାର। ମୁଁ କାହିଁକି ଲେଖେ ଶୀର୍ଷକରେ ସ୍ପଷ୍ଟ କହିଛନ୍ତି ଜୀବନରେ କୌଣସି ବାସ୍ତବ ଅନୁଭୂତି ଧାରଣ ନ କରିବା ପର୍ଯ୍ୟନ୍ତ ମୁଁ ଗଳ୍ପ ଲେଖିବାରେ ମନୋନିବେଶ କରେନାହିଁ। ତାଙ୍କର ଅଧିକାଂଶ ଗପ ଅନୁଭୂତିସିଦ୍ଧ।

ପେସାରେ ଅଖିଳ ମୋହନ ଥିଲେ ଆଇନଜୀବୀ। ଆଉ ଗଳ୍ପ ଲେଖିବା ଥିଲା ନିଶା। କର୍ମମୟ ଜୀବନରେ ସେ ଆଇନ ବ୍ୟବସାୟକୁ କେତେ ସମୟ ଦେଇଥିଲେ ଏବଂ ଗଳ୍ପକୁ କେତେ ସମୟ ଅଜଣା। ତେବେ, ଏହା ସତ୍ୟ ଯେ, ମହକିଲଙ୍କୁ ଉପେକ୍ଷା କରୁ ନଥିଲେ। ଉଭୟ ଆଇନ ଓ ସାହିତ୍ୟ ସହ ତାଙ୍କର ସଂପର୍କ ଥିଲା। ସାହିତ୍ୟ ଥିଲା ଟିକିଏ ଅଧିକ ନିଜର। ତେଣୁ, କେହି କେହି କହନ୍ତି ଆଇନ ତାଙ୍କର ପତ୍ନୀ ଭଳି ସହାୟିକା ଏବଂ ଗଳ୍ପ ତାଙ୍କର ପ୍ରିୟତମା ପ୍ରେମିକା। ସେ ଥିଲେ ବିଚକ୍ଷଣ ଫୌଜଦାରୀ ଓକିଲ। ଆଇନ ବ୍ୟବସାୟରୁ ରୋଜଗାରକୁ ସେ ଏତେଟା ଗୁରୁତ୍ୱ ଦେଉନଥିଲେ। ସିଧା ଭାଷାରେ କହିଲେ, ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହେଉଥିଲେ। ଉଚ୍ଚଶିକ୍ଷା ଲାଭ ପରେ ଅଖିଳ ମୋହନ ଚାକିରି ନକରି ସ୍ୱାଧୀନ ଭାବେ ଜୀବିକା ଅର୍ଜନ କରିବାକୁ ନିଷ୍ପତ୍ତି ନେଇ, ପ୍ରଥମେ ସାଜିଥିଲେ ଠିକାଦାର। ତାହାପରେ ଓକିଲ। ଓଡ଼ିଶା ଗସ୍ତରେ ଆସିଥିବା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେକା ପଥର ଫୋପାଡି ଲହୁ ଲୁହାଣ କରିଥିବା କଟକର ଅଭିଯୁକ୍ତ ଯୁବକମାନଙ୍କ ପକ୍ଷରୁ ସେ ଅଦାଲତରେ ମାମଲା ଲଢ଼ି, ସମସ୍ତଙ୍କୁ ଦୋଷମୁକ୍ତ କରାଇଥିଲେ। ପିଲାଦିନେ ଅଖିଳ ମୋହନ ଥିଲେ ଚପଳ ଯୌବନରେ ଥଟ୍ଟା ପରିହାସ ପ୍ରିୟ ସଙ୍ଗକୁ ବାମପନ୍ଥୀ ଛାତ୍ରନେତା। ୧୯୮୨ ନଭେମ୍ବର ଆଜିର ଦିନରେ ଏକ ଦୁରାରୋଗ୍ୟ ବ୍ୟାଧିର ଅସ୍ତ୍ରୋପଚାର ପାଇଁ ନିଜେ କାର ଚଳାଇ ଏକ ଘରୋଇ ହସ୍‌ପିଟାଲକୁ ଯାଇଥିଲେ। ଛୁରୀ କତୁରି ଧରିଥିବା ଡାକ୍ତର ଓ ସେବିକାମାନଙ୍କୁ ଅଭିବାଦନ ଜଣାଇ ଅପରେସନ ଟେବଲରେ ଶୋଇଥିଲେ। ଘରେ କହିଯାଇଥିଲେ ପାଞ୍ଚ ଦିନ ପରେ ଫେରିବେ। ହେଲେ ସେହି ଟେବଲ୍ ଉପରେ ହିଁ ହୃଦ୍‌ଘାତରେ ପରଲୋକ ହୋଇଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଭାରତୀୟ ସମ୍ବିଧାନ ଗୃହୀତ

## ଯଶସ୍ୱିନୀ ପଟ୍ଟନାୟକ

୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭାରେ ଭାରତୀୟ ସମ୍ବିଧାନ ଗୃହୀତ ହୋଇଥିଲା। ସମ୍ବିଧାନ ପ୍ରଣେତା ବି.ଆର ଆମ୍ବେଦକର ସମ୍ବିଧାନ ସଭାରେ ଏହି ଚିଠା ଆଗତ କରିଥିଲେ। ସେପ୍ଟେମ୍ବର ୨ରେ ଅନ୍ତରୀଣ ସରକାର ଗଠନ କରାଯାଇଥିଲା। ଡିସେମ୍ବର ୯ରେ ସମ୍ବିଧାନ ସଭାର ପ୍ରଥମ ଅଧିବେଶନ ବସିଥିଲା। ଏଥିରେ ୨୦୭ ସଦସ୍ୟ ଯୋଗଦେଇଥିଲେ। ୧୯୪୭ ପ୍ରାରମ୍ଭରେ ସମ୍ବିଧାନ ସଭାରେ ମୁସଲିମ୍ ଲିଗ୍ ଓ ଅନ୍ୟ ସ୍ୱାଧୀନ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ୧୯୫୦ ଜାନୁଆରୀ ୨୬ରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସାଧାରଣତନ୍ତ୍ର ଦିବସ ଭାବେ ଦେଶରେ ପାଳନ କରାଯାଉଛି। ସେହି ସମ୍ବିଧାନ ସଭା ପରବର୍ତ୍ତୀ ସମୟରେ ପାର୍ଲାମେଣ୍ଟର ରୂପ ନେଇଥିଲା। ସମ୍ବିଧାନ ଅନୁସାରେ ୧୯୫୨ରେ ପ୍ରଥମ ନିର୍ବାଚନ ପରଠାରୁ ପାର୍ଲାମେଣ୍ଟାରୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଇଛି।

ତେବେ ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶର ହସ୍ତ ଲିଖିତ ସମ୍ବିଧାନ ନିଜେ ଏକ ଆଶ୍ଚର୍ଯ୍ୟ। ତେବେ ଆଉ ଏକ ରୋଚକ ଘଟଣା ଆମେ ଏଠାରେ ଉପସ୍ଥାପନ କରୁଛୁ। ଅନେକ ହୁଏତ ଜାଣିନଥିବେ ଛତିଶଗଡ଼ ବସ୍ତର ଜିଲ୍ଲା ଅନ୍ତର୍ଗତ ବୁରୁଙ୍ଗପାଳ ଗ୍ରାମରେ ଭାରତୀୟ ସମ୍ବିଧାନର ମନ୍ଦିର କରାଯିବା ସହ ଏହାର ପୂଜା କରାଯାଉଛି। ୧୯୯୬ ଡିସେମ୍ବର ୨୪ରୁ ଗ୍ରାମବାସୀ ଏହି ମନ୍ଦିରକୁ ପ୍ରତିଷ୍ଠା କରିବା ସହ ଛଅଫୁଟ ଉଚ୍ଚ ଓ ଦଶଫୁଟ ଚଉଡାର ଏକ କାନ୍ଥରେ ଭାରତୀୟ ସମ୍ବିଧାନରେ ଅନୁସୂଚୀତ ଅଞ୍ଚଳ ପାଇଁ ଗ୍ରାମସଭାର ଶକ୍ତି ଆଦି ସମ୍ପର୍କିତ ତଥ୍ୟ ମଧ୍ୟ ଲିଖିତ ରହିଛି। ସେହିଭଳି ହିମାଚଳ ପ୍ରଦେଶର କୁଲୁ ଅନ୍ତର୍ଗତ ମଲାଣା ଗ୍ରାମରେ ରହିଛି ସମ୍ବିଧାନ ଦିବସର ସ୍ମୃତି। ଏଠାରେ ଗ୍ରାମବାସୀମାନେ ସ୍ୱତନ୍ତ୍ର ଭାବେ ଏକ ସଂସଦ ପ୍ରତିଷ୍ଠା କରିବା ସହ ଏହି ଗାଁକୁ ଛୋଟ ଗ୍ରୀସ ଭାବେ ସମସ୍ତେ ଜାଣନ୍ତି। ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ ପାଇଁ ଆମ ସମସ୍ତଙ୍କ ଭିତରେ ଗଣତନ୍ତ୍ର ପ୍ରତି ଭଲ ପାଇବା ଓ ଗଣତନ୍ତ୍ରକୁ ସମ୍ମାନ ଦେବା ପାଇଁ ପ୍ରତିବଦ୍ଧତା ବୃଦ୍ଧି ପାଇବା ହେଉଛି ଆଜିର ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,
ଇ-ମେଲ : jasaswinipattanaik78@gmail.com

# ନିଷିଦ୍ଧ କଲେ, ଭୁଲିଗଲେ

## ଯୁଧିଷ୍ଠିର ମହାରଣା

ସରକାର ନିଷିଦ୍ଧ କଲେ। ଦିନ କେଇଟା ଲୋକ ଦେଖାଣିଆ ଚଢ଼ଉ ହେଲା। ଜରିମାନା ଲାଗିଲା। ଛଅ ସହରରୁ ଏ ନିଷିଧାଦେଶ ସାରା ରାଜ୍ୟରେ ଲାଗୁ ହେଲା। ମାତ୍ର ଏବେ ଅବସ୍ଥା ଯଥା ପୂର୍ବଂ ତଥା ପରଂ। ଲାଗୁଛି ଖୋଦ ସରକାର ବି ଭୁଲିଗଲେଣି ଯେ ପୁନଃ ପ୍ରକ୍ରିୟାକରଣ ହେଉନଥିବା ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲାଗିଥିଲା। ରାଜ୍ୟରେ ନିଷେଧାଦେଶ ଲାଗୁ ହେବାକୁ ଛଅ ବର୍ଷ ପୁରିଲାଣି। ମାତ୍ର ପୂର୍ବାପେକ୍ଷା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବଢ଼ି ବଢ଼ି ଚାଲିଛି। ସରକାର ସବୁ ଜାଣୁଛନ୍ତି, ହାତ ବାନ୍ଧି ବସିଛନ୍ତି।

୨୦୧୮ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଓ ପୁରୀ ସହରରେ ପଲିଥିନ ବ୍ୟବହାର ନିଷିଧ କରାଗଲା। ୨୦୧୯ ଗାନ୍ଧି ଜୟନ୍ତୀରୁ ସାରା ରାଜ୍ୟର ସହରାଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଗଲା। ୨୦୨୧ ଜୁଲାଇ ପହିଲାରୁ ଗ୍ରାମାଞ୍ଚଳରେ ମଧ୍ୟ ବ୍ୟବହାର ଉପରେ ନିଷେଧାଦେଶ ଲାଗୁ ହେଲା ମାତ୍ର ଛଅ ବର୍ଷ ପରେ ରାଜ୍ୟରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ କିମ୍ବା ପଲିଥିନ ଉତ୍ପାଦନ ବନ୍ଦ ହୋଇନି। ବିକ୍ରିବଟା କି ବ୍ୟବହାର ମଧ୍ୟ ବନ୍ଦ ହୋଇନି। ପ୍ଲାଷ୍ଟିକ ନିଷିଦ୍ଧ ଘୋଷଣା କେବଳ ଘୋଷଣାରେ ହିଁ ରହିଯାଇଛି। ସରକାର ଚୁପ ବସିଛନ୍ତି।

ରାଜ୍ୟରେ ପରିବେଶର ଚିତ୍ର ଅତି ବିକଳ। ସରକାରୀ ତଥ୍ୟ କହୁଛି, ରାଜ୍ୟରେ ପ୍ଲାଷ୍ଟିକ ବ୍ୟାଗ, ପଲିଥିନ ସହ ପୁନଃ ପ୍ରକ୍ରିୟାକରଣ ହେଉନଥିବା ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ କଟକଣା ଲାଗିବା ପରେ ପ୍ରଥମ ଦୁଇବର୍ଷ ବିଭିନ୍ନ ପୌରାଞ୍ଚଳରେ ଚଢ଼ାଉ କରାଯାଇ ୧୬ଟନ ପ୍ଲାଷ୍ଟିକ ଓ ପଲିଥିନ ଜବତ ହୋଇଥିଲା। ୩୩ ଲକ୍ଷ ଟଙ୍କାର ଜରିମାନା ଆଦାୟ ହୋଇଥିଲା। ମାତ୍ର ତା ପରେ ସବୁ ଧିମେଇ ଗଲା। ବହୁ ଜିଲ୍ଲାରେ ଚଢ଼ଉ କେବଳ କେବଳ ଧର୍ମକୁ ଆଖି ଠାର ଭଳି ହେଲା। ଗତ ଚାରିବର୍ଷ ମଧ୍ୟରେ ମାତ୍ର ସାତ ଟନ ପ୍ଲାଷ୍ଟିକ ଓ ପଲିଥିନ ଜବତ ହୋଇଛି। ଜରିମାନା ଆଦାୟ ହୋଇଛି ମାତ୍ର ୧୩ ଲକ୍ଷ ଟଙ୍କା। ଏହି ପରିମାଣ ହିଁ କହୁଛି ସରକାର ନିଷେଧାଦେଶକୁ କଡ଼ାକଡ଼ି କରିବାକୁ କେତେ ଆନ୍ତରିକତା ଦେଖାଉଛନ୍ତି। ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ସୂଚନା ଅନୁସାରେ ସହରାଞ୍ଚଳରେ ବାର୍ଷିକ ପ୍ରାୟ ୧୨୦ ଟନ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ହେଉଛି। ଏହାର ପ୍ରଭାବ ଆମ ପରିବେଶ ଉପରେ ଅଧିକ ପଡୁଛି। ତେଣୁ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ନିଷେଧାଦେଶ ଲାଗୁ ହୋଇଥିଲା। ପ୍ଲାଷ୍ଟିକ ୱେଷ୍ଟ ନିୟମ ୨୦୨୧ ଅନୁସାରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିଲେ ମଧ୍ୟ ଏହା ପ୍ରଭାବୀ ଢ଼ଙ୍ଗରେ କାର୍ଯ୍ୟକାରୀ ହେଉନାହିଁ। ସିଙ୍ଗଲ ୟୁଜ ପ୍ଲାଷ୍ଟିକରେ ନିର୍ମିତ ପଲିଥିନ, ପ୍ଲେଟ, ଗ୍ଲାସ ସହ ଖାଦ୍ୟ ସାମଗ୍ରୀ ପ୍ୟାକ ହେଉଥିବା ପଲି ସାମଗ୍ରୀ ସହ କ୍ୟାରିବ୍ୟାଗ ଉପରେ କଟକଣା ଲାଗିଥିଲା। କେବଳ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ସାମଗ୍ରୀ, ଔଷଧ, ଦୁଗ୍ଧଜାତ ସାମଗ୍ରୀ ଆଦିକୁ ଏଥିରୁ ବାଦ ଦିଆଯାଇଥିଲା। ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ନଗର ଉନ୍ନୟନ ବିଭାଗ ସହ ପଞ୍ଚାୟତିରାଜ ବିଭାଗ ନଜର ରଖିବ। ଜଙ୍ଗଲ ଓ ପରିବେଶ ବିଭାଗ ସମଗ୍ର ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟର ତଦାରଖ କରିବେ ବୋଲି ସ୍ଥିର ହୋଇଥିଲା। ମାତ୍ର ଅଧିକାରୀମାନେ ଆନ୍ତରିକତା ଦେଖାଇଲେ ନା ଇଚ୍ଛାଶକ୍ତି ।

ପ୍ଲାଷ୍ଟିକ ଓ ପଲିଥିନ ନିଷିଦ୍ଧ ନିର୍ଦ୍ଦେଶ ଏବେ ଅଳିଆଗଦାରେ। ଖୋଲାଖୋଲି ଭାବେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସହ ପଲିଥିନ ବ୍ୟବହାର ହେଉଛି। ଉତ୍ପାଦନ ସହ ପରିବହନ ମଧ୍ୟ ହେଉଛି। ରାଜ୍ୟରେ ଦୈନିକ ଯେତିକି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଛି, ସେଥିରୁ ପ୍ରାୟ ଅଧାରୁ ଅଧିକ ପୁନଃପ୍ରକ୍ରିୟାକରଣ ହୋଇପାରୁନି। ଏହା ମାଟିରେ ମଧ୍ୟ ମିଶୁନଥିବାରୁ ଅଧିକ ପରିବେଶଗତ ସଙ୍କଟ ଛିଡ଼ା କରାଉଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
E-mail : judhister009moharana@gmail.com

# ଯୁବକ ଙ୍କ ଟାଙ୍ଗିଆ ଚୋଟ ରେ ଦାଦା, ପୁତୁରା ଗୁରୁତର

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ଗିରାଙ୍ଗ ଗ୍ରାମ ର ସୁନିଲ ଦେହୁରୀ ଙ୍କ ପୁଅ ଓମ୍ ପ୍ରକାଶ ଦେହୁରୀ (୧୮) ନିଜର ପାନ ଦୋକାନ ରେ ବସିଥିବା ସମୟରେ ସେହି ଗିରାଙ୍ଗ ଗ୍ରାମ ର ସୁନିଆ ଜେନା ଙ୍କ ପୁଅ ମିଥୁନ ଜେନା ତାଙ୍କୁ ଅଚାନକ ଆସି ଏକ ଟାଙ୍ଗିଆ ସାହାଯ୍ୟ ରେ ଅତର୍କିତ ଆକ୍ରମଣ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଓମ ଙ୍କ ମୁଣ୍ଡ ଓ ବେକରେ ପିଶାଚ ମିଥୁନ ସାତ ଚୋଟ ପକାଇ ସାରିଥିଲା। ଯାହା ଫଳରେ ଓମ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଟାଙ୍ଗିଆ ରେ ହାଣି ଦେଉଥିବା ବେଳେ ସେହି ସମୟରେ ଦୋକାନ ପାଖରେ ଥିବା ଓମ ଙ୍କ ଦାଦା ଭଗବାନ ଦେହୁରୀ ଙ୍କ ପୁଅ ପ୍ରଶାନ୍ତଦେହୁରୀ ଏହାକୁ ପ୍ରତିବାଦ କରି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ମଧ୍ୟ ସେଇ ଟାଙ୍ଗିଆ ରେ ମିଥୁନ ଜେନା ଆକ୍ରମଣ କରିଥିଲା। ଦୁଇ ଜଣଙ୍କ ଚିତ୍କାର ଶୁଣି ଲୋକ ମାନେ ମିଥୁନ କୁ କାବୁ କରିଥିବା ବେଳେ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ମିଥୁନ କୁ ଗିରଫ କରିବା ସହ ଘଟଣା ରେ ବ୍ୟବହୃତ ଟାଙ୍ଗିଆ କୁ ଜବତ କରିଛି । ଓମ୍ ଙ୍କ ଅବସ୍ଥା ଅତି ଗୁରୁତର ହୋଇଥିବାରୁ ତାଙ୍କୁ ନାଲକୋ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ର ଏକ ଘରୋଇ ହସ୍ପିଟାଲ କୁ ପଠାଇ ଦିଆ ଯାଇଥିବା ବେଳେ ଓମ ଙ୍କ ଦାଦା ପ୍ରଶାନ୍ତ ଦେହୁରୀ ଅନୁଗୋଳ ରେ ଚିକିତ୍ସିତ ହେଉଛନ୍ତି । ତେବେ ପ୍ରଶାନ୍ତଙ୍କ ମୁଣ୍ଡ ଓ ହାତ ରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ମଧ୍ୟ କଟକ ସ୍ଥାନାନ୍ତରଣ କରିବାକୁ ଡାକ୍ତର କହିଛନ୍ତି।

# ଯୋଡ଼ା-ବଡବିଲ-ନୂଆମୁଣ୍ଡି ଖଣି ଓ ଶିଳ୍ପାଞ୍ଚଳରେ ପରିବେଶ ତଥା ଖଣିଜ ସଚେତନତା କାର୍ଯ୍ୟକ୍ରମ

ଯୋଡ଼ା,( ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡବିଲ୍ ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଏବଂ ଆଲାଇଡ୍ ଟେକ୍ନୋଲୋଜିଷ୍ଟ (ଏସଜିଏଟି) ଖଣିଜ ପଦାର୍ଥ, ଖଣି ଏବଂ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୧୯୯୦ ମସିହାରୁ ରାଜ୍ୟର ବିଭିନ୍ନ ଖଣି ଓ ଶିଳ୍ପ ଅଞ୍ଚଳରେ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ ପରିବେଶ-ତଥା-ଖଣିଜ ସଚେତନତା କାର୍ଯ୍ୟକ୍ରମ (ଇଏମଏପି) ଆୟୋଜନ କରିଆସୁଛି । ଏହି ସଫଳ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଭୂବିଜ୍ଞାନ ଏବଂ ଖଣି ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଏସଜିଏଟିର ଅନ୍ୟତମ ପ୍ରତିଷ୍ଠାତା ପରଲୋକପ୍ରାପ୍ତ ବିଜୟ କୃଷ୍ଣ ମହାନ୍ତିଙ୍କର ମାନସ ପ୍ରସୂତ ଯ ନଭେମ୍ବର ୨୭ ତାରିଖରେ ଭୁବନେଶ୍ୱରସ୍ଥିତ ଏସଜିଏଟିର ଉଦ୍ୟମରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ବଡ଼ବିଲର ରୁଙ୍ଗଟା କଲୋନୀସ୍ଥିତ ଅଫିସର୍ କ୍ଲବଠାରେ ଏକ ରଙ୍ଗୀନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଦିନର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଜେଏସପିଏଲର କାସିଆସ୍ଥିତ ଲୁହାପଥର ଖଣି ପରିଦର୍ଶନ କରିଥିଲେ। ତାହାପରେ ପ୍ରବନ୍ଧ ଲେଖା, ବିଭିନ୍ନ ପଥର ଓ ଖଣିଜ ନମୁନା ଚିହ୍ନଟ ଏବଂ ମୌଖିକ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଯୋଡ଼ାସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଖଣି ଅଧିକାରୀ ଶ୍ରୀ ବ୍ରହ୍ମାନନ୍ଦ ମହାନ୍ତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ମାନବ ସମ୍ବଳ ତଥା ପ୍ରଶାସନ ବିଭାଗର ଯୁଗ୍ମ ସଭାପତି ଆର ଅଗ୍ରୱାଲ, ଭୂତ□ ବିଭାଗର ଉପସଭାପତି ଅଭିଜି ସେନ୍, କ୍ରୟ ବିଭାଗର ସିଜିଏମ ଏସ୍ କେ ରାଣା ଆଦି ମୁଖ୍ୟବକ୍ତା ରୂପେ ପୁରସ୍କାର ବିତରଣ ତଥା ଉଦଯାପନୀ ସମାରୋହର ମହିମା ମଣ୍ଡନ କରିଥିଲେ ।ମୁଖ୍ୟ ଅତିଥି ବ୍ରହ୍ମାନନ୍ଦ ମହାନ୍ତ ଏସଜିଏଟିକୁ ବହୁଳ ପ୍ରଶଂସା କରି କହିଥିଲେ ଯେ ଖଣିଜ ପଦାର୍ଥ ତଥା ପରିବେଶ ସଚେତନତା ଉପରେ ଏହି ଅଭିନବ ତଥା ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରି ଏସଜିଏଟି ଏହି ଅଞ୍ଚଳର ସାମାଜିକ ବିକାଶରେ ସହଯୋଗ କରୁଅଛି । ମୁଖ୍ୟବକ୍ତା ଆର ଅଗ୍ରୱାଲ, ଅଭିଜିତ ସେନ୍ ଏବଂ ଏସ୍ କେ ରାଣା ଅନ୍ୟ ଛାତ୍ରମାନଙ୍କ ସହିତ ସେମାନଙ୍କର ନୂତନ ଶିକ୍ଷା ବାଣ୍ଟିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ କାର୍ଯ୍ୟକ୍ରମର ଏକ ବଡ଼ ସଫଳତା ପାଇଁ ଆୟୋଜକ ଦଳକୁ ପ୍ରଶଂସା କରିଥିଲେ ଏସଜିଏଟିର ସାଧାରଣ ସମ୍ପାଦକ ତ୍ରିଲୋଚନ ମହାନ୍ତ ଏସଜିଏଟିର ଭୂମିକା ଉପରେ ଆଲୋକପାତ କରିବାସହ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ ଆୟୋଜକମାନଙ୍କୁ ସେମାନଙ୍କର ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ନିୟମିତ ସମର୍ଥନ ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଶ୍ରୀ ମହାନ୍ତ ସେମାନଙ୍କର ଯୋଗଦାନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଲିଖିତ ପରୀକ୍ଷାରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ନୂଆମୁଣ୍ଡିସ୍ଥିତ ଟାଟା ଡ଼ିଏଭି ପବ୍ଲିକ୍ ସ୍କୁଲର କୁମାରୀ ଶ୍ରୀଜା ପଲ୍ ବିବେଚିତ ହୋଇଥିଲେ । ପ୍ରବନ୍ଧ ଲିଖନ, ପଥର ଓ ଖଣିଜ ପଦାର୍ଥର ଚିହ୍ନଟ ଏବଂ ମୌଖିକ କୁଇଜ୍ ଆଦି ସାମଗ୍ରିକ ପ୍ରତିଯୋଗିତା ଉପରେ ଆଧାର କରି କୁମାରୀ ଶ୍ରୀଜା ପଲ୍ ଏବଂ ଆଟ୍ରେୟୋ ସିହ୍ନାଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିବା ଟାଟା ଡିଏଭି ପବ୍ଲିକ୍ ସ୍କୁଲ୍, ନୂଆମୁଣ୍ଡି ପ୍ରଥମ ସ୍ଥାନ ଅଧିକାର କରିଥିଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲର କୁମାରୀ ପ୍ରଜ୍ଞା ପରମିତା ଗିରି ଓ କୁମାରୀ ନଇନା ଧଡା ଏବଂ ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟର କୁମାରୀ ଗାୟତ୍ରୀ ମହାନ୍ତି ଓ ଶ୍ରୀ ଅଭୟ କୁମାର ବେହେରା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଜାତୀୟ ସ୍କୁଲ କ୍ରୀଡ଼ାରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ କ୍ରୀଡ଼ାବିତ, ଉସୁରେ ୫ ପଦକ

ଯୋଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ଠାରେ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବି ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜମ୍ମୁରେ ୨୨ରୁ ୨୬ ନଭେମ୍ବର ଯାଏ ଚାଲିଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗର ଉସୁ କ୍ରୀଡ଼ାରେ ୫ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଜଣେ ସ୍ୱର୍ଣ୍ଣ, ୩ ଜଣ ରୌପ୍ୟ ଓ ଜଣେ କାଂସ୍ୟ ପଦକ ଜିତିଛନ୍ତି । ୪୦ କେଜି ବର୍ଗରେ ରାଜେଶ ନାଗ ସ୍ୱର୍ଣ୍ଣ, ୪୫ କେଜି ବର୍ଗରେ ମଦନ ମୁଣ୍ଡା, ୪୮ କେଜି ବର୍ଗରେ ରମେଶ ମୁଣ୍ଡା, ୩୬ କେଜି ବର୍ଗରେ ମାଳିନୀ ମୁଣ୍ଡାଙ୍କୁ ରୌପ୍ୟ ଓ ୫୨ କେଜି ବର୍ଗରେ ପରବିଲ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି। ଏହି ଚମତ୍କାର ବିଜୟରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତଙ୍କ ଏହି ବିଜୟରେ ଆମେ ଅତ୍ୟନ୍ତ ଗୌରାବନ୍ୱିତ । ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି । ଜିନ୍ଦଲ ଫାଉଣ୍ଡେସନ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ଯୁବପ୍ରତିଭାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ୬୦ କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ଓ ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ସର୍ବୋତ୍କୃଷ୍ଟ ସୁବିଧା ଯୋଗାଇଦେଉଛି ।ଜାତୀୟ ସ୍କୁଲ କ୍ରୀଡ଼ାରେ ହଷ୍ଟେଲ ଅନ୍ତେବାସୀଙ୍କ ଚମତ୍କାର ପ୍ରଦର୍ଶନ, ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇବାରେ




ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରତିଫଳିତ କରୁଛି ।ଓଡ଼ିଶା ଷ୍ଟେଟ ଉସୁ ଆସୋସିଏସନ ସହ ଏକ ମଜଭୁତ ସହବନ୍ଧନ ପ୍ରତିଷ୍ଠା କରି କେନ୍ଦୁଝର ଜିଲ୍ଲାରେ ଉସୁ ଓ କିକବକ୍ସିଂକୁ ଆଗକୁ ନେବାରେ ଜିନ୍ଦଲ ଫାଉଣ୍ଡେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଫାଉଣ୍ଡେସନର ପ୍ରୋତ୍ସାହନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ଅଗଣିତ କ୍ରୀଡ଼ା ପ୍ରତିଭା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଉସୁ, କିକବକ୍ସିଂ, ହକି, କ୍ରିକେଟ, ତୀରନ୍ଦାଜୀ ଭଳି କ୍ରୀଡ଼ାକୁ ଫାଉଣ୍ଡେସନର ପ୍ରୋତ୍ସାହନ ୩୦ ହଜାରରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ାବିତଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି ।

## ତର ବର୍ଷ ର ନାବାଳିକା ଯୁବତୀ ମୁଣ୍ଡରେ ପରିବାର ବୋଝ

# ଖବର ପ୍ରସାରଣ ପରେ ବଢ଼ିଲା ସହୃଦୟ ବ୍ୟକ୍ତି ଓ ପ୍ରଶାସନ ର ସାହଯ୍ୟ ର ହାତ



କରଞ୍ଜିଆ,( ମହାଭାରତ) ଯେଉଁ ବୟସ ରେ କଲମ ଧରିବା କଥା ସେଇ ବୟସ ରେ ପରିବାର ବୋଝ । ଶୀର୍ଷକ ଖବର ମହାଭାରତ ରେ ପ୍ରସାରଣ ପରେ ୪ ଅନାଥ ଶିଶୁ ଙ୍କ ନିକଟକୁ ଛୁଟିଛି ସହୃଦୟ ବ୍ୟକ୍ତି ଓ ପ୍ରଶାସନ ର ସାହଯ୍ୟ ହାତ । ଆଜି ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ୪ ଅନାଥ ଶିଶୁ ପଖରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ଓ ୪ ଶିଶୁ ଙ୍କୁ ଥଇଥାନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏବଂ କିଛି ସହୃଦୟ ବ୍ୟକ୍ତି ଆର୍ଥିକ ସାହଯ୍ୟ ଦେଇଛନ୍ତି । ମା' ୧୫ ଦିନ ହେଲା ୪ ଛୁଆ କୁ ଛାଡି ଚାଲିଗଲା ଅନ୍ୟ ପୁରୁଷ ହାତ ଧରି ପିଲାମାନେ ଓଳିଏ ଖାଇଲେ ଓଳିଏ ଉପାସ । ଏପରି ଘଟଣା ସମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ର ଚନ୍ଦିଖମଣ ଗାଁ ରେ । ଦୁଇ ବର୍ଷ ତଳେ କୁଆଁର ବାସ୍କେ ଅଜଣା ରୋଗରେ ପଡି ମୃତ୍ୟୁବରଣ କରିଥିବାବେଳେ ଛଅ ମାସ ହେବ ବଡଭଉଣୀ ପାଉଁରା ବାସ୍କେ ବିବାହ କରି ଶାସୁଘର ଚାଲିଗଲା ବେଳେ ମା ସହିତ ୪ ଶିଶୁ ବହୁ ଦୁଃଖ କଷ୍ଟରେ ପରିବାରର ଥିଲେ । ୧୫ ଦିନ ହେବ କମଳ ମତି ୪ ଶିଶୁ କୁ ଛାଡି ମା ଅନ୍ୟ ପୁରୁଷ ହାତ ଧରି ଚାଲିଯିବା ଘଟଣା ର ଖବର ପ୍ରସାରଣ ପରେ ଚାରି ନା ବାଳକ ଭାଇଭଉଣୀ ଭଙ୍ଗା ଦଦରା ଘରେ ଦୁର୍ଦ୍ଦିନ ରେ ଦିନକାଟିବା ଖବର ମହାଭାରତ ରେ ପ୍ରସାରଣ ପରେ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା ଙ୍କ ସହ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ମାନବିକତା ର ସହ ଅନାଥ ଛୁଆମାନଙ୍କୁ ଶୁଖିଲା ରାସନ ଖାଦ୍ୟ ପିଲା ମାନଙ୍କୁ ଦେବା ସହ ପିଲାମାନଙ୍କୁ ସମସ୍ତ ପ୍ରକାର ସୁବିଧା ତୁରନ୍ତ କରିବେ ବୋଲି ପ୍ରତିଶୃତି ଦେଇ ଛନ୍ତି । ଏପରି ଦୁଖଦଃ ଘଟଣା ଦେଖି ଆଜି ରାଇରଙ୍ଗପୁର ଅଂଚଳ ର ସୁଧୀର କୁମାର ଟୁଡୁ ୫,୦୦୦ ଟଙ୍କା, କାନ୍ହୁ ରାମ ହାଁସଦା ୧,୦୦୦ ଟଙ୍କା, ଝାରଖଣ୍ଡ ର କିସ୍କୁ ବାବୁ ୮,୦୦ ଟଙ୍କା ସହାୟତା ଦେଇଛନ୍ତି । ଗ୍ରାମବାସୀ ମାନେ ଅସହାୟ ଭାଇଭଉଣୀ ମାନଙ୍କୁ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବା ପାଇଁ ଚନ୍ଦିଖମଣ ଗାଁ ର ସମସ୍ତ ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି ।

# ପାଟଣା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ ଙ୍କ ତ□ାବୋଧାନ ଅନୁଷ୍ଠିତ ହୋଇଛି । ଶିବିର ରେ ଚାରୋଟି ଭିନ୍ନକ୍ଷମ ବିଭାଗ ରେ ଚିହ୍ନଟ ପ୍ରକ୍ରିୟା ରହିଥିବା ବେଳେ ଅନ୍ୟ ପକ୍ଷେ ରେ ଭିନ୍ନକ୍ଷମ ହିତାଧିକାରୀ ମାନେ ସରକାରୀ ସୁବିଧା ଯୋଜନା ବସପାସ, ରେସନକାର୍ଡ,ଆବାସ ଗୃହ,ଭିନ୍ନକ୍ଷମ ଭତ୍ତା, ଡି.ଆର ଲୋନ ପାଇଁ ଦରଖାସ୍ତ ଆବେଦନ କରିଛନ୍ତି । ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରେ ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ପ୍ରଭାତ ମହାପାତ୍ର, ମାନସିକ ବିଭାଗ ର ଡାକ୍ତର ନିରଞ୍ଜନ ରଥ, କାନ,ନାକ,ଗଳା,ବିଭାଗ ଡ଼ାକ୍ତର ଅନିତା ମଞ୍ଜରୀ ଜେନା, ଆର୍ଥୋଲୋଜି ବିଭାଗ ର ମାନସ କୁମାର ମହାନ୍ତ, ଆଖି ବିଭାଗ ର ଡାକ୍ତର ଶୁଭମ ସେଠୀ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରାଯାଇଛି । ଏହି ଶିବିର ରେ ଜିଲ୍ଲାସ୍ତର ରୁ ଏସ.ଏସ.ଏସ.ଓ ଭୁବନେଶ୍ୱରୀ ମହାନ୍ତ,ପାଟଣା ବ୍ଲକ ବି.ଏସ.ଏସ.ଓ ଅଭୟ କୁମାର ଦେହୁରୀ, ସହକାରୀ କର୍ମଚାରୀ ଲକ୍ଷ୍ମୀଧର ମହାନ୍ତ, ପ୍ରକଳ୍ପ ସଂଯୋଜକ ଚନ୍ଦ୍ରଶେଖର ମାନସିଂ,ବ୍ଲକ ଯୋଗାଣ ନିରୀକ୍ଷକ ସୁନିରା ମାରାଣ୍ଡି,ଏ.ପି.ଓ ଦୀପକ କୁମାର ବେହେରା,ବି.ପି.ସି ସୁରେନ୍ଦ୍ର ଖଣ୍ଡା, ବ୍ଲକ ବି.ରା.ପି ମୀନକେତନ ପାତ୍ର,ରଜନୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । ଶିବିର କୁ ପାଟଣା ବ୍ଲକ ର ପଞ୍ଚାୟତ ଅଧିକାରୀ, ଗ୍ରାମ ରୋଜଗାର ସେବକ,ଯୋଗାଣ ସହାୟକ ସହ ପାଟଣା ଆ□ଳିକ ମହାବିଦ୍ୟାଳୟ ର ଏନ.ସି.ସି କ୍ୟାଡ଼ର ସଂପୂର୍ଣ୍ଣ ସହଯୋଗ କରିବା ବେଳେ ବିଡ଼ିଓ ଙ୍କ ଦ୍ୱାରା ଏନ.ସି.ସି କ୍ୟାଡ଼ର ଙ୍କୁ ମାନପତ୍ର ଦେଇ ସମର୍ଦ୍ଧିତ କରିଛନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୩ଟି ପ୍ରକଳ୍ପ ପ୍ରଦର୍ଶିତ

ଯୋଡ଼ା(ମହାଭାରତ)କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ବ୍ଲକ ନିକଟସ୍ଥ ବନେଇକଳା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଯୋଡ଼ା ବ୍ଲକରୁ ୮୩ ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏହି ପ୍ରକଳ୍ପରେ ୧୦୨ ଜଣ ମାର୍ଗଦର୍ଶକ ଶିକ୍ଷକ ଓ ୨୪୫ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଏବଂ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାକୁ ୭ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ଉଦଘାଟନ ଉତ୍ସବରେ ଯୋଡ଼ା ବ୍ଲକ ଗୋଷ୍ଠୀ ଅଧିକାରିଣୀ ଅରୁଣିମା ସାହୁ ଦୀପ ପ୍ରଜ୍ଜ୍ୱଳନ କରି ଶୁଭ ଉଦଘାଟନ କରିବା ପରେ ପ୍ରତିଯୋଗୀ ମାନେ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ପ୍ରତ୍ୟେକ ଛାତ୍ର ଛାତ୍ରୀ ମାନଙ୍କର ବିଜ୍ଞାନ ପ୍ରତି ରୁଚି ଓ ପ୍ରକଳ୍ପ ଗୁଡିକୁ ମୁଖ୍ୟ ଅତିଥି ଦେଖିବା ପରେ ଭବିଷ୍ୟତରେ ଜଣେ ଜଣେ କୁନି ବୈଜ୍ଞାନିକ ହୋଇ ନିଜର ସ୍ୱପ୍ନ ପୂରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଉଦଘାଟନ ଉତ୍ସବରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ଼ର ସିଏସଆର ଜେନେରାଲ ମ୍ୟାନେଜର ଭାର୍ଜିଲ ଲାକ୍ରା ଓ ମନୋଜ ମହାନ୍ତ ଉପସ୍ଥିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ଶତପଥୀ,ଦିଲ୍ଲୀପ କୁମାର ବେହେରା ଓ ଆରସିସି ପ୍ରଶାନ୍ତ କୁମାର ସେଠି, ଯୋଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି, ପଶ୍ଚିମ ଯୋଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାଏକ,ମୁନିସିପାଲ ଉଚ୍ଚ ବିଦ୍ୟାଳୟ ନାଳଦାର ପ୍ରଧାନ ଶିକ୍ଷକ ମହେନ୍ଦ୍ର ଜେନା ଉପସ୍ଥିତ ରହିଥିଲେ। ଏହି ଉଦଘାଟନ ଉତ୍ସବରେ ବନେଇକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଯାତି କେଶରୀ ବେହେରା ସଭାପତିତ୍ୱ କରିଥିଲେ । ମଞ୍ଚାସିନ ଅତିଥି ମାନେ ଆଜିର ପ୍ରତିଯୋଗୀ ମାନଙ୍କର ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ମୁଖ୍ୟ ଅତିଥି ତାଙ୍କର ବକ୍ତବ୍ୟ ମାଧ୍ୟମରେ ପିଲା ମାନେ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇ ଯୋଡ଼ା ବ୍ଲକର ନାମ ରଖିବା ପାଇଁ ପ୍ରତିଯୋଗୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଓ ସେମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ଯ ଯୋଡ଼ା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦାଙ୍କ ତତ୍ତ୍ୱାବଧାନରେ ଯୋଡ଼ା ବ୍ଲକର ଆରସିସି ପ୍ରଶାନ୍ତ କୁମାର ସେଠିଙ୍କ ଅକ୍ଲାନ୍ତ ଉଦ୍ୟମରେ ଏହି ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ସଫଳ କରାଇଥିଲେ। ଏହି ବିଜ୍ଞାନ, ଗଣିତ ଓ ପରିବେଶ ମେଳାରେ ବାଳ ବୈଜ୍ଞାନିକ ମାନେ ନିଜ ନିଜର ବୈଜ୍ଞାନିକ ପ୍ରତିଭାକୁ ପ୍ରଦର୍ଶିତ କରାଯାଇଥିଲା । ଏହି ବିଜ୍ଞାନ ମେଳା ରେ ମୋଟ ୬୦୦ଜଣରୁ ଅଧିକ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ଯୋଡ଼ା ବ୍ଲକ ର ସମସ୍ତ ସିଆରସିସି,ବନେଇକଳା ଉଚ୍ଚ ବିଦ୍ୟାଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଯୋଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ବିଜ୍ଞାନ ମେଳାରେ ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରି ଜିଲ୍ଲାସ୍ତରକୁ ପ୍ରଥମ ପ୍ରତିଯୋଗୀ ମାନଙ୍କୁ ମନୋନୀତ କରାଇବା ପାଇଁ ଚାରିଜଣ ବିଜ୍ଞାନ ଶିକ୍ଷକ ଅନିଲ କୁମାର ଗିରି,ଶାନ୍ତନୁ କୁମାର ପ୍ରଧାନ,ଅରୁଣ କୁମାର ମିଶ୍ର,ଏମ.ଏମ.ମୁର୍ମୁ ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ଦୁଃଖବନ୍ଧୁ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ପଶ୍ଚିମ ଯୋଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ଯଯାତି କେଶରୀ ବେହେରା ସଭାସଙ୍ଗ ଘୋଷଣା କରିଥିଲେ।

# ବିଦ୍ୟାଳୟରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ

ବାଲିପାଟଣା(ମହାଭାରତ)ବାଲିପାଟଣା ବ୍ଲକ ଅନ୍ତର୍ଗତ ବସନ୍ତମାଳ ସ୍ଥିତ ଆର.ଆଇ.ଇ.ଟି ସ୍କୁଲ ରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜେ ଘରେ ତିଆରି କରି ଆଣିଥିବା ଖାଦ୍ୟ ଜିନିଷ ର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲାୟ ଖାଦ୍ୟ ପ୍ରସ୍ତୁତିରେ ଛାତ୍ରଛାତ୍ରୀଙ୍କ ଅବିଭାବକ ମାନେ ସହଯୋଗ କରିବା ସହ ଷ୍ଟଲ୍ ରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସାଗରିକା ମହାନ୍ତି,ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ଶିଶୁଅନନ୍ତ ପ୍ରେସ କ୍ଲବ ସଭାପତି ବିଦ୍ୟାଭୂଷଣ ଭୋଳ, ରମେଶ ରଥ,ବସନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ପିଲା ମାନଙ୍କୁ ସ୍ୱଚ୍ଛତା,ସ୍ୱାଦିଷ୍ଟ ଏବଂ ଭିଟାମିନ ରେ ଭରପୁର ଘରୋଇ ଖାଦ୍ୟ କିପରି ଦିଆଯାଇପାରିବ ଏହାକୁ ଲକ୍ଷ୍ୟରେ ରଖି ଅ□ଳରେ ଏପରି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଦ୍ୟାଳୟର ଶାଖା ଅଧକ୍ଷା ପ୍ରୀୟଙ୍କରି ମହାନ୍ତି ସୂଚନା ଦେଇଛନ୍ତି । ଏହି ଷ୍ଟଲ୍ ରେ କୁନିକୁନି ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜଳଖିଆ ଖାଦ୍ୟ ଯେମିତିକି ଗଜାମୁଗ ବୁଟ ସାଲାଡ଼, ଫ୍ରୁଟ ସାଲାଡ଼, ମିଠା ମକା,ପକୋଡା,ମଣ୍ଡା ପିଠା,ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ତଥା ପାରମ୍ପରିକ ଖାଦ୍ୟ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମାନେ ଖାଦ୍ୟ ମେଳା ର ବିଭିନ୍ନ ଷ୍ଟଲ ବୁଲିବା ସହିତ ମନ୍ ପସନ୍ଦର ଖାଦ୍ୟ ଖାଇବାର ଭର ପୁର ଆନନ୍ଦ ଉପଭୋଗ କରିଥିଲେ।

# ୟୁଏଆଇଏଲ୍ ସିଏସଆର୍ ଟିମ୍ ଦ୍ୱାରା ନୂଆଗାଁ ଗ୍ରାମରେ ମଲ୍ଟି- ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ



ରାୟଗଡା(ମହାଭାରତ): ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍ଆର ପ୍ରୟାସ ଅଧୀନରେ ନୂଆଗାଁ ଗ୍ରାମରେ ୨୦୨୪ ନଭେମ୍ବର ୨୮ରେ ଏକ ମଲଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶ୍ରୀ ବିଜୟ ଚୌହାନ, ମାଇନ୍ସ ହେଡ, ଡ.ନେତ୍ରାନନ୍ଦ ନାୟକ, ମେଡିକାଲ ଅଫିସର-ଇନ୍ ଚାର୍ଜ, ବିପିଏଏମ୍, ଏନଏଏମ କାଶୀପୁର, ଆଇଆଇଇସି ଅଣ୍ଡିରାକ□, ଡ. ଦେବୀ ମିଶ୍ର, ମେଡିକାଲ ଅଫିସର ୟୁଏଆଇଏଲ୍ ଏବଂ ନୂଆଗାଁର ସମ୍ମାନନୀୟ ଗ୍ରାମ ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶ୍ରୀ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ୍ ଉଦ୍ଘାଟନ କରିଥିଲେ ।ସ୍ଥାନୀୟ ଜନସମୁଦାୟଙ୍କୁ ସୁଲଭ୍ୟ ସ୍ୱାସ୍ଥ୍ୟଯନ୍ ସେବା ଯୋଗାଇବା ଏହି ସ୍ୱାସ୍ଥ୍ୟ ଶିବିରର ଲକ୍ଷ୍ୟ ଥିଲା । ନିକଟବର୍ତ୍ତୀ ୮ଟି ଗ୍ରାମର ମୋଟ ୫୧୨ ଜଣ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ, ଏବଂ ସେମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ଦିଆଯାଇଥିଲା। ଏହି ପ୍ରୟାସ ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ନେତୃତ୍ୱରେ ବାଫିଲମାଳି ଖଣିର ସିଏସଆର୍ ଟିମ୍ ଦ୍ୱାରା ଅତି ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ୟୁଏଆଇଏଲ୍ ପକ୍ଷରୁ ଏହାର କାର୍ଯ୍ୟ ପରିଚାଳନା ଅଞ୍ଚଳରେ ଜନସାଧାରଣଙ୍କ କଲ୍ୟାଣ ତଥା ସେମାନଙ୍କ ସ୍ୱାସ୍ଥ୍ୟସେବାକୁ ପରିବର୍ଦ୍ଧିତ କରିବା ନିମନ୍ତେ ଅକୁଣ୍ଠ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି । ଏଭଳି ପ୍ରୟାସଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନର ମାନରେ ଉନ୍ନତି ଆଣିବା ଏବଂ ଉକ୍ତ ଅ□ଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ୟୁଏଆଇଏଲ୍ର ଉତ୍ସର୍ଗୀକୃତ ଭାବକୁ ପ୍ରତିଫଳିତ କରୁଛି।

# କୋଟଗଡରେ ଚୋରି ବୃଦ୍ଧି ପ୍ରତିବାଦ ରେ ଥାନା ଅଧିକାରୀଙ୍କୁ ସ୍ଥାନୀୟ ବଣିକ ସଂଘର ଦାବିପତ୍ର ପ୍ରଦାନ

କୋଟଗଡ(ମହାଭାରତ): କୋଟଗଡରେ ଶାନ୍ତି ଶୃଙ୍ଖଳା ଭଙ୍ଗକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ମାଣିକେଶ୍ୱରୀ ବଣିକ ସଂଘର ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପ୍ରକାଶଥାଉ କି କୋଟଗଡ ବଜାର ରେ କିଛିମାସ ହବ ଚୋରି ଚକାରି ବୃଦ୍ଧି ପାଇବା ସହ ଅସମାଜିକ ଲୋକଙ୍କ ର ଅଭାଦ୍ରାମୀ, ଗଣ୍ଡଗୋଳ ଓ ବେପରୁଆ ଜାନବାହନ ଚଳାଚଳ ବୃଦ୍ଧି ପାଇଛି। ସେ ନେଇ କୋଟଗଡ ପୁଲିସର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନି ଫଳରେ ଦୋକାନ ଚୋରି, ଜାନବାହାନ ଚୋରି ଓ ଗୃହପାଳିତ ପ୍ରାଣୀ ଚୋରୀ ପୂର୍ବପେକ୍ଷା ବୃଦ୍ଧି ପାଇବାରେ ଲାଗିଛି ।ଏଥିପାଇଁ କୋଟଗଡ ବ୍ୟବସାୟୀ ଓ ଜନସାଧାରଣ ଅସୁରକ୍ଷିତ ମଣିଲେଣି ଆଗକୁ ଯେପରି ବିଶୃଙ୍ଖଳା ନ ବଢୁ, ଚୋରି ଉପରେ ରୋକ ଲଗାଇ ଓ ପୁଲିସ ଚୋରକୁ ଧରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଣିକ ସଙ୍ଘ ସଭାପତି ତାରିଣୀ ପ୍ରସାଦ ପତିଙ୍କ ନେତୃତ୍ୱରେ ସମ୍ପାଦକ ରବୀନ୍ଦ୍ର ପାତ୍ର,ସଙ୍ଘ ସଦସ୍ୟ ବାଲାଜୀ ପାତ୍ର, ଲକ୍ଷ୍ମଣ ପାତ୍ର, ମାଧବ ଦାଶ କୋଟଗଡ ଥାନାକୁ ଯାଇ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ମୃତି ରଞ୍ଜନ ସାମଲଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗୋଲାମୁଣ୍ଡା ବ୍ଲକ ର ଘୋଟିଆ ମଣ୍ଡି ଠାରେ ଜିଲ୍ଲାର ପ୍ରଥମ ଧାନ ମଣ୍ଡି ର ଶୁଭାରମ୍ଭ

ଗୋଲାମୁଣ୍ଡା (ମହାଭାରତ ) କଳାହାଣ୍ଡି ଜିଲ୍ଲା ର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ମଣ୍ଡି ରେ ଖରିଫ ଧାନ କିଣା ଆଜି ଉଦଘାଟିତ ହୋଇ ଯାଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ଶ୍ରୀମାନ ଧୀମାନ ଚକମା ଏହାକୁ ଉଦଘାଟନ କରିଥିଲେ । ଆଜିର ଏହି ଉଦଘାଟନ ସମୟରେ ଡି ଆର ସି ଏସ ପ୍ରମୋଦ କୁମାର ସାହୁ,ସି ଏସ୍ ଓ ପବିତ୍ର ସାହୁ,ଆର ଏମ ସି ସମ୍ପାଦକ ଉଦିତ କୁମାର ବାବୁ,ଗୋଲାମୁଣ୍ଡା ବି ଡି ଓ ଶ୍ରୀଧର ପଣ୍ଡା,ନୋଡାଲ ଅଧିକାରୀ ସରସ୍ତୀ ମେହେର, ପ୍ୟାକ୍ସ ସମ୍ପାଦକ କିରଟି ପ୍ରଧାନ ,ନିକାଶ ଖମାରି ପ୍ୟାକ୍ସ ଓ ଆରଏମସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ବା ଆରଏମସି ଗୋଲାମୁଣ୍ଡା, ଧର୍ମଗଡ଼ ଓ ଜୁନାଗଡ଼ ବ୍ଲକ କୁ ନେଇ ଗଠିତ ହୋଇଛି । ଚଳିତ ଖରିଫ ଋତୁ ଗୋଲାମୁଣ୍ଡା ବ୍ଲକ ରେ ୧୭ଟି ମଣ୍ଡି ରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୧୬ ଟି ମଣ୍ଡି ରୁ ପ୍ୟାକ୍ସ ଧାନ କିଣିବ। ଏ ନେଇ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦ ବୈଠକ



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ପରିଷଦ ସଭାପତି ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସମବାୟ ସମିତି ସମୂହର ଉପନିବନ୍ଧକ ସନ୍ତୋଷ କୁମାର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡା ଶାଖାର ପରିଚାଳକ ତାପସ ପ୍ରସାଦ ସିଂ, ସମିତି ଉପସଭାପତି ମମତା ପ୍ରଧାନ, ନିର୍ଦ୍ଦେଶକ ନମିତା ଦାସ, ଅଭିମନ୍ୟୁ ମହାନ୍ତି, ଭୀମସେନ ସେଠୀ, ଅକ୍ଷୟ କୁମାର ବାରିକ, ଅବିନାସ ବାରିକ, ଜିତେନ୍ଦ୍ର କୁମାର ମହାନ୍ତି, ଗୀତାଞ୍ଜଳୀ ବେହେରା, କୃଷ୍ଣଚନ୍ଦ୍ର ଦାସ, ଅଜୟ କୁମାର ମଲ୍ଲିକ, କୈଳାସ ଚନ୍ଦ୍ର ଦାସ, ଜିତେନ୍ଦ୍ର ପ୍ରସାଦ ପାଗଳ, ବସନ୍ତ କୁମାର ଜେନା, ସଂଗମ କେଶରୀ ସାମଲ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଋଣ ଆଦାୟ ଓ ଖରିଫ ଋଣ ପ୍ରଦାନ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ଏହି ସମିତି ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାରୁ ସମବାୟ ସମିତି ସମୂହର ଉପନିବନ୍ଧକ ଶ୍ରୀ ଦାସ ସମିତିର ସଭାପତି, ପରିଚାଳନା ପରିଷଦର ନିର୍ଦ୍ଦେଶକ ଏବଂ ସମ୍ପାଦକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ସମିତିର ନିର୍ଦ୍ଦେଶକମାନଙ୍କ ମଧ୍ୟରେ ଏଥିନିମନ୍ତେ ଆନନ୍ଦ ପ୍ରକାଶ ପାଇଥିଲା । ଏହି ଅବସରରେ ଜମଧର ସମବାୟ ସମିତି ଅଧିନ ବଡଗାଁ ଗ୍ରାମର ଦିବ୍ୟଜ୍ୟୋତି ଜେନା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ସମ୍ପାଦକ ବୈରାଗୀ ଚରଣ ସାହୁ ବୈଠକରେ ସମସ୍ତ ତଥ୍ୟ ଉପସ୍ଥାପନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀ ମୁଣ୍ଡରେ ଚଡକ



ଆସିକା (ମହାଭାରତ): ଆସିକା ବ୍ଲକରେ ଚାଷୀ ଏବେ ଚିନ୍ତାରେ। ବଙ୍ଗୋପସାଗର ରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟା ପେଙ୍ଗଲ ସୃଷ୍ଟି ହୋଇଛି ।ଏହା ତାମିଲନାଡୁ ଉପକୂଳ ମୁହାଁ ହୋଇଛି । ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଆକାଶ ଶୁକ୍ରବାର ସକାଳୁ ମେଘାଚ୍ଛନ୍ନ ରହି ଝିପି ଝିପି ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଧାନ ଅମଳ ସମୟ ହୋଇଥିବାରୁ ଚାଷୀ ବିଲରେ କେଉଁଠି କଳେଇ ପକେଇଛି ତ କେଉଁଠି ଖଳାରେ ଧାନ ଗଦା କରିଛି । ଲଗାଣ ବର୍ଷାରେ ଧାନ ଗଦା, କଳେଇ, ବେଙ୍ଗଳା ଭିଯିଜିବା ଫଳରେ ବର୍ଷକର ଫସଲ ଉଜୁଡ଼ି ଯିବାକୁ ବସିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବିଲରେ ଖଳାରେ ଧାନ ଓଦା ହୋଇଯିବା କାରଣରୁ ଧାନ ଖତ ହୋଇଯିବାର ଆଶଙ୍କା ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛି । ବର୍ଷକର ଅମଳ କେଉଁଠି ବିଲରେ ତ କେଉଁଠି ଖଳାରେ ଥିବା ଧାନ ଗଦା କୁ ପାଲ ଓ ପାଲ ଘୋଡାଇ ରଖୁଥିବା ବେଳେ କେତେକ ଚାଷୀ ତରତରରେ ମେସିନ ଦ୍ୱାରା ମ୍ୟୁଥିବା ଦେଖା ଯାଉଛି। ଏହିପରି ସମୟରେ ସରକାରଙ୍କ ଯୋଗାଣ ବିଭାଗ ତରଫରୁ କେବଳ ଏଫ ଏ କିୟୁ ମାନର ଧାନ କିଣିବା ପାଇଁ ନିଷ୍ପତି ନିଆଯାଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏଣୁ ସରକାରଙ୍କ ତରଫରୁ ନିଷ୍ପତି କୋହଳ କରିବା ସହ ତୁରନ୍ତ ମଣ୍ଡି ଖୋଲିବା ପାଇଁ ଚାଷୀମାନେ ଦାବୀ କରିଛନ୍ତି।

## ଆଶା ଦିଦିଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ

କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଗୁପ୍ତି ଗ୍ରାମପଞ୍ଚାୟତସ୍ଥିତ କୃଷ୍ଣପ୍ରିୟାପୁର ଗ୍ରାମର ବହୁ ମହିଳା ତାଙ୍କ ଗ୍ରାମରେ ନିଯୁକ୍ତି ପାଇଥିବା ଆଶା ଦିଦିଙ୍କ ମିଥ୍ୟା ଅଭିଯୋଗ ବିରୁଦ୍ଧରେ ଜିଲ୍ଲା ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ଏହି ଅଭିଯୋଗ ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ ଗ୍ରାମର କିଛି କୁ ଚକ୍ରାନ୍ତ ଗୋଷ୍ଠି ଗତ ମାସ ୨୪ ତାରିଖରେ ହୋଇଥିବା ଦାନା ବାତ୍ୟା ବେଳେ ଆଶା ଦିଦି ଗର୍ଭବତୀଙ୍କ ପେଟରେ ଗୋଇଠା ମାରି ପିଲା ନଷ୍ଟ କରିବା, ଗର୍ଭବତୀ ଓ ପ୍ରସୂତୀମାନଙ୍କଠାରୁ ପଇସା ଖାଇବା, ଆଶା କାହାକୁ ସେବା ନକରିବା ଇତ୍ୟାଦି ବିଭିନ୍ନ ମିଥ୍ୟା ଅଭିଯୋଗ କରିଥିଲେ । ଏହାର ଗତ ନଭେମ୍ବର ୫ତାରିଖ ଓ ୨୬ତାରିଖରେ ଦୁଇ ଦୁଇଥର ତଦନ୍ତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ସେହି ଲୋକମାନେ ବାରମ୍ବାର ଗ୍ରାମର କିଛି ଲୋକ ଆଶା ଦିଦିଙ୍କ ବିରୁଦ୍ଧରେ ପୁଣି ମିଥ୍ୟା ଅଭିଯୋଗ କରୁଛନ୍ତି । ଘଟଣାରୁ ପ୍ରକାଶ ଯେ ଗତ ୨୦୧୨ ମସିହାରେ ଆଶା ଦିଦିଙ୍କ ସ୍ୱାମୀ କୃଷ୍ଣପ୍ରିୟାପୁର ପ୍ରକଳ୍ପ ବିଦ୍ୟାଳୟର ସଭାପତି ଥିବାବେଳେ ଉକ୍ତ ସ୍କୁଲର ଟଙ୍କା ପଇସାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା । ଯାହାଫଳରେ ଗ୍ରାମର କିଛି ଲୋକମାନେ ତାଙ୍କୁ ଏକଘରିକିଆ କରିଦେଇଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଆଶା ଦିଦିଙ୍କୁ ବାହାର କରିଦେବାକୁ ସେମାନେ ଚକ୍ରାନ୍ତ କରୁଛନ୍ତି ଓ ଆଶାଦିଦି କୌଣସି ବେନିୟମ କାର୍ଯ୍ୟ କରିନାହାଁନ୍ତି ବୋଲି ଆସିଥିବା ମହିଳାମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଗ୍ରାମର ଗୀତାଞ୍ଜଳୀ ମିସ୍ତ୍ରୀ, ଗୀତାରାଣୀ ମଣ୍ଡଳ, ପ୍ରମିଳା ମଣ୍ଡଳ, ପ୍ରତିମା ମଣ୍ଡଳ, ସୁମିତ୍ରା ରାଉତ, ସମ୍ପା ସରକାର, ମହାଦେବ ମିସ୍ତ୍ରୀ, ଶଶଧର ମଣ୍ଡଳ, ସନ୍ଦୀପ ମଣ୍ଡଳଙ୍କ ସମେତ ବହୁ ଗ୍ରାମବାସୀମାନେ ଅଭିଯୋଗ ସମୟରେ ଉପସ୍ଥିତ ଥିଲେ ।

## ଚିନି ସମବାୟ ଶିଳ୍ପରେ ଜଳ ସେଚନ ପାଇଁ ସମନ୍ୱୟ ବୈଠକ



ଆସିକା (ମହାଭାରତ): ଆସିକା ସମବାୟ ଚିନିଶିଳ୍ପ ଲିଃ ର ସଭା ଗୃହ ଠାରେ ଚିନି କାରଖାନାର ପରିଚାଳନା ପରିଷଦ ର ସଭାପତି ରବୀନ୍ଦ୍ର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଆଖୁଚାଷ କୁ ଜଳ ସେଚନ ସୁନିଶ୍ଚିତ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକ ରେ ପରିଚାଳନା ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ପଣ୍ଡା, ଛତ୍ରପୁର କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ, ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ୟମାକେଶ ମିଶ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ , ଉଠା ଜଳ ସେଚନ ର ଅଧିକ୍ଷଣ ଯନ୍ତ୍ରୀ ଇ. ଶିବରାମ ପଣ୍ଡା, ଓଡିଶା କୃଷି ଶିଳ୍ପ ନିଗମ ର ଯନ୍ତ୍ରୀ ଇ. ଗୁପ୍ତ ପ୍ରସାଦ ନାୟକ, କୃଷି ବିଭାଗ ର ନିର୍ବାହୀ ଯନ୍ତ୍ରୀ ଇ. ସଂକର୍ଷଣ ମଲ୍ଲିକ, କୃଷିବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ସନ୍ତୋଷ କୁମାର ରାଉତରାୟ ଏଥି ସହିତ ଜଳ ସେଚନ ଭଞ୍ଜନଗର, ବ୍ରହ୍ମପୁର, ଚିକିଟି ଓ ହର ଭଙ୍ଗୀ ପ୍ରକଳ୍ପ ର ଯନ୍ତ୍ରୀ ମାନେ ଯୋଗ ଦେଇଥିଲେ ।ଏହି ବୈଠକ ରେ ଆଖୁଚାଷ ନିମନ୍ତେ ବିଭିନ୍ନ ଜଳ ଉତ୍ସ ଯଥା ବୃହତ୍, ମଧ୍ୟମ ଓ କ୍ଷୁଦ୍ରଜଳସେଚନ ପ୍ରକଳ୍ପ କିମ୍ବା ଅଗଭୀର ନଳକୂପ, ଗଭୀର ନଳକୂପ,ଉଠା ଜଳସେଚନ ପଏ□,କୂପ ଇତ୍ୟାଦି ରୁ ଜଳଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲାୟ ବୃହତ୍, ମଧ୍ୟମ ଓ କ୍ଷୁଦ୍ରଜଳସେଚନ ଉପରେ ନିର୍ଭର ନକରି ଅନ୍ୟ ଜଳ ଉତ୍ସ ଯଥା ଗଭୀର ନଳକୂପ, ଅଗଭୀର ନଳକୂପ, ଉଠା ଜଳସେଚନ ପଏଣ୍ଟ ଥିବା ଅଞ୍ଚଳରେ ଆଗାମୀ ଦିନରେ ଆଖୁଚାଷର ସମ୍ପ୍ରସାରଣ ଆଖୁ ପାଇଁ ଜଳ ସେଚନ ର ଅସୁବିଧା ନହେବା ପାଇଁ ପଦକ୍ଷେପ ନେବାପାଇଁ ନିଷ୍ପତି ହୋଇଥିଲା । ଏହି ଆଲୋଚନାରେ ପରିଚାଳନା କମିଟିର ଉପାଧ୍ୟକ୍ଷ ସ୍ନେହଲତା ଚଣ୍ଡ, ପୂର୍ଣଚନ୍ଦ୍ର ବରାଡ଼,ଉଦୟ ପ୍ରଧାନ,ବସନ୍ତ ଦଳେଇ ,ସନ୍ତୋଷ ପ୍ରଧାନ, ନିରଞ୍ଜନ ପ୍ରଧାନ,ସଇତ ପ୍ରଧାନ,ଧର୍ମୁ ପ୍ରଧାନ ସମେତ ଶିଳ୍ପର କ୍ଷେତ୍ର କର୍ମଚାରୀ ଯୋଗଦେଇଥିଲେ। ପରିଶେଷରେ ଆଖୁପରିଚାଳକ, ପ୍ରଶାନ୍ତ କୁମାର ପାଢୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ଜଣାଇଥିଲେ ।

## ଜାତୀୟ କ୍ରୀଡା ପ୍ରତିଯୋଗିତା ପାଇଁ ପିପିଏଲ ଡିଏଭି ସ୍କୁଲ ର ୧୯ ଜଣ ଖେଳାଳି ଓ ପ୍ରଶିକ୍ଷକ ଙ୍କ ଦିଲ୍ଲୀ ଯାତ୍ରା

ପାରାଦୀପ (ମହାଭାରତ): ଆସନ୍ତା ଡିସେମ୍ବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଠାରେ ଭାରତୀୟ ବିଦ୍ୟାଳୟ କ୍ରୀଡା ସଂଘ ଓ ଜାତୀୟ ଡିଏଭି କ୍ରୀଡ଼ା ସହବନ୍ଧିତାରେ ଆୟୋଜିତ ଜାତୀୟ କ୍ରୀଡା ୨୦୨୪ ପ୍ରତିଯୋଗିତାରେ ଭାଗ ନେବାପାଇଁ ପାରାଦୀପ ପିପିଏଲ ଡିଏଭି ସ୍କୁଲ ର ୧୯ ଜଣ ଖେଳାଳି ଓ ୨ ଜଣ ପ୍ରଶିକ୍ଷକ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଜାତୀୟ ପ୍ରତିଯୋଗୀତାର ୧୭ ବର୍ଷରୁ କମ୍ ବାଳକ ବର୍ଗ ହକି ଦଳରେ ପିପିଏଲ୍ ଡିଏଭି ସ୍କୁଲର ୧୪ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଏହି ହକି ଖେଳାଳୀମାନେ ପିପିଏଲ୍ ପାରାଦ୍ୱୀପ ହକି ଗ୍ରାସ୍ ରୁଟ ସେଣ୍ଟର ଅଧିନରେ ହକି ଖେଳ ଅଭ୍ୟାସ କରୁଥିବା ସାଇ ସୁର୍ଯ୍ୟାନସ (ଅଧିନାୟକ), ଦିତିକୃଷ୍ଣ ସାହୁ, ଦିବ୍ୟଜ୍ୟୋତି ମହାନ୍ତି, ସୁଭ୍ରଜିତ ତାରେଣୀ, ସୌମ୍ୟରଞ୍ଜନ ସେଠି, ଲକ୍ଷ୍ୟ ମହେଶ୍ୱରି, ସୌମ୍ୟରଞ୍ଜନ ସାହୁ,ଆଦିତ୍ୟ ମହାରଣା, ଅରନଭ ସାହୁ, ଆୟୁସ ପରିଡା,



ଦେବସଙ୍କର ରାମ,ଆୟୁସ ଠାକୁର, ଅଙ୍କିତ କୁମାର ବେହେରା ଓ ଅଂଶୁମାନ ସାହୁ ଅଂଶଗ୍ରହଣ କରୁଥିବାବେଳେ ୧୪ ବର୍ଷରୁ କମ ବାଳିକା ବର୍ଗର ୮୦୦ ମିଟର ଦୌଡ଼ରେ କିର୍ତ୍ତିମୟୀ କଣ୍ଡାଙ୍କେଲ,୧୪ବର୍ଷ ବର୍ଗର ତାଇକୁଣ୍ଡୋରେ ଅଶୁମାନ ପଟେଲ ଓ ସୌମ୍ୟାଲିନ୍ ପଟ୍ଟନାୟକ,କରାଟେରେ ଶୁଭଲକ୍ଷ୍ମି ମହାପାତ୍ର,୧୯ ବର୍ଷରୁ କମ୍ ବାଳକ ଭଲିବଲ୍ ରେ ପ୍ରାଶୁ ପ୍ରାଞ୍ଜନ ବେହେରା ଭାଗନେବେ । ଏହି ଦଳରେ ଶାଶ୍ୱତ କୁମାର ଭାରତୀୟ ଓ ମମତା କିଣ୍ଡୋ ପ୍ରଶିକ୍ଷକ ଅଛନ୍ତି। ପ୍ରଥମ ଥର ଓଡିଶା ଦଳରେ ପିପିଏଲ୍ ଡିଏଭି ହକି ଖେଳାଳୀ ଯୋଗଦାନ କରିଥିବାରୁ ଖେଳାଳୀ ମାନେ ଅଧିକ ଉତ୍ସାହିତ ଅଛନ୍ତି । ଏହି ଖେଳାଳୀ ମାନଙ୍କୁ ପିପିଏଲ ସିଇଓ ତଥା ୟୁନିଟ ମୁଖ୍ୟ ପାଲାନି ସାମି ଭେଲୁସାମି, ମାନବସମ୍ବଳ ବିଭାଗର ପ୍ରବନ୍ଧକ ସୁମିତ କୁମାର ସେନାପତି ଶୁଭାଷିସ ପ୍ରଦାନ କରିବା ସହିତ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେୟ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ ସମସ୍ତ ଖେଳାଳୀଙ୍କୁ ଆର୍ଶିବାଦ କରିଥିଲେ।

## ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,(ମହାଭାରତ): ସାରାବିଶ୍ୱରେ ପ୍ରତ୍ୟେକ ଦିନ କୌଣସି ନା କୌଣସି ଦିବସ ପାଳିତ ହେଉଛି । କିନ୍ତୁ ଏପର୍ଯ୍ୟନ୍ତ ପ୍ରାର୍ଥନା ଦିବସ ବିଶ୍ୱସ୍ତରରେ ପାଳିତ ହେବା କିମ୍ବା ୟୁନେସ୍କୋ ପକ୍ଷରୁ ମାନ୍ୟତାପ୍ରାପ୍ତ ହୋଇ ପାରିନଥିବା ଅତ୍ୟନ୍ତ ପରିତାପର ବିଷୟ । ତେଣୁ ଏ ସମ୍ପର୍କରେ କେନ୍ଦ୍ରାପଡାର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ସନ୍ନ୍ୟାସିନୀ ଶ୍ରୀମା' ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଉଦ୍ୟମରେ୨୦୧୭ ମସିହାରୁ ଦୀର୍ଘ ୭ବର୍ଷ ଧରି ପ୍ରାର୍ଥନା ଦିବସ ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଦେଶର କିଛି ସ୍ଥାନରେ ପାଳିତ ହୋଇଆସୁଅଛି । ଏହା ଜାନୁୟାରୀ ମାସର ପ୍ରଥମ ଦିନ ଅର୍ଥାତ୍ ୧ତାରିଖରେ ସାରା ବିଶ୍ୱରେ ପାଳିତ ହେବା ପାଇଁ ଦିବ୍ୟସ୍ୱରୂପା ଶ୍ରୀମା' ସମସ୍ତଙ୍କୁ ଅନୁରୋଧ କରି ପାଳନ କରିଆସୁଅଛନ୍ତି । ତେଣୁ ଆଗାମୀ ୨୦୨୫ମସିହା ଜାନୁୟାରୀ ୧ ତାରିଖରେ ସମସ୍ତ ଧର୍ମ, ବର୍ଣ୍ଣ, ସଂପ୍ରଦାୟର ଲୋକମାନେ ସେମାନଙ୍କର ନିଜ ନିଜ ଗୁରୁ ଓ ଇଷ୍ଟଙ୍କୁ ତାଙ୍କର ନିଜ ନିଜ ଭାଷାରେ ପ୍ରାତଃ ୭ଘଟିକା ସମୟରେ ଏକଘ□ା ବ୍ୟାପୀ ପ୍ରାର୍ଥନା କରିବାକୁ ଓ ସମସ୍ତ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିବାକୁ ଦିବ୍ୟସ୍ୱରୂପା ଶ୍ରୀମା' ଅନୁରୋଧ କରିଛନ୍ତି । ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଦିବ୍ୟଜୀବନ ସଂଘର ସାଂସ୍କୃତିକ ସଂଘ ଆଶ୍ରମରେ ଦିବ୍ୟସ୍ୱରୂପା ଶ୍ରୀମା'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବିଜୟ କୁମାର ସ୍ୱାଇଁ, ଶାଖାର ସଭାପତି ରାଧାଶ୍ୟାମ ଦାସ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୀଳମଣୀ, ମନୋରଞ୍ଜନ ମହାନ୍ତି, ଜଗନ୍ନାଥ ଟ୍ରଷ୍ଟର ସଭାପତି ନାରାୟଣ ମହାପାତ୍ର,ନିରଞ୍ଜନ ପଣ୍ଡା ମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ: ଟ୍ରାକ୍ଟର ମାଲିକଙ୍କ ନାମରେ ଏତଲା ଦେଲେ ଡ୍ରାଇଭରଙ୍କ ସ୍ତ୍ରୀ



ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ରାନିମୁଣ୍ଡା ଗ୍ରାମରେ ଗତକାଲି ଅପରାହ୍ନରେ ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭର ପବିତ୍ର ଶବରଙ୍କର ମୃତ୍ୟୁ ଘଟିଥିଲା ।ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବି କରି ଶବ ପାଖରେ ଜଗି ବସିଥିଲେ ।ତଥାପି ଟ୍ରାକ୍ଟର ମାଲିକ ରାନିମୁଣ୍ଡା ଗ୍ରାମର ସୋମିନନ୍ଦ ସୁନାନୀ ନଆସିବାରୁ ଆଜି ୭ଘଣ୍ଟା ସମୟରେ ଟ୍ରାକ୍ଟର ମାଲିକ ସୋମିନନ୍ଦ ସୁନାନୀଙ୍କ ନାମରେ ମୃତ ଡ୍ରାଇଭର ପବିତ୍ର ଶବରଙ୍କ ସ୍ତ୍ରୀ ଟିକେମନି ଶବର ଖଡ଼ିଆଳ ଥାନାରେ ଏକ ଲିଖିତ ଏତଲା ଦାୟର କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଖଡ଼ିଆଳ ଥାନା ଅନ୍ତର୍ଗତ ରାନିମୁଣ୍ଡା ଗ୍ରାମରେ ଗତକାଲି ଅପରାହ୍ନରେ ଏକ ଟ୍ରାକ୍ଟର ଦୁର୍ଘଟଣା ଘଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ଟ୍ରାକ୍ଟର ମାଲିକ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ନଦେବା ପର୍ଯ୍ୟନ୍ତ ଶବ ଉଠାଇବାକୁ ଦେବେ ନାହିଁ ବୋଲି ସେମାନେ କହି ଶବକୁ ଉଠାଇବାକୁ ଦେଇନଥିଲେ । ରାନିମୁଣ୍ଡା ଗ୍ରାମର ସୋମିନନ୍ଦ ସୁନାନୀଙ୍କ ଟ୍ରାକ୍ଟରରେ ଏକ ମାସ ହେଲା ନିକଟସ୍ଥ କୋଟାମାଲ ଗ୍ରାମର ପବିତ୍ର ଶବର (ତୀର୍ଥ) ଡ୍ରାଇଭର ଭାବରେ ରହି ଆସୁଥିଲେ। ଗତକାଲି ରାଣୀମୁଣ୍ଡା ଗ୍ରାମର ଏକ ଜମିରୁ ଅମଳ ହୋଇଥିବା ଧାନ ବସ୍ତା ଧରି ଆସୁଥିବା ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଟ୍ରାକ୍ଟର ତଳେ ଚାପି ହୋଇ ପବିତ୍ର ଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଖଡ଼ିଆଳ ପୁଲିସ ପହଞ୍ଚି ଶବ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପରିବାର ଲୋକେ ଉଠାଇବାକୁ ଦେଇନଥିଲେ। ରାତି ସାରା ସେଠାରେ ଜଗି ରହିବା ସହ ଟ୍ରାକ୍ଟର ମାଲିକଙ୍କ ଠାରୁ ପଚାଶ ଲକ୍ଷ କ୍ଷତିପୂରଣ ଦାବି କରିଥିଲେ। ଅନ୍ୟପଟେ ଟ୍ରାକ୍ଟର ମାଲିକ ଫେରାର ମାରିବା ସହ ନିଜ ଫୋନ୍ ସ୍ୱିଚ ଅଫ୍ କରି ଦେଇଥିବା ଅଭିଯୋଗ ହୋଇଥିଲା । ଶେଷରେ ମୃତ ପବିତ୍ରଙ୍କ ବିଧବା ସ୍ତ୍ରୀ ଟିକେମନି ଶବର ଆଜି ଖଡ଼ିଆଳ ଥାନାରେ ଟ୍ରାକ୍ଟର ମାଲିକ ସୋମିନନ୍ଦ ସୁନାନୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

## ପାଟଣା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଭୀମଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ ଙ୍କ ତ□ାବୋଧାନ ଅନୁଷ୍ଠିତ ହୋଇଛି । ଶିବିର ରେ ଚାରୋଟି ଭିନ୍ନକ୍ଷମ ବିଭାଗ ରେ ଚିହ୍ନଟ ପ୍ରକ୍ରିୟା ରହିଥିବା ବେଳେ ଅନ୍ୟ ପକ୍ଷେ ରେ ଭିନ୍ନକ୍ଷମ ହିତାଧିକାରୀ ମାନେ ସରକାରୀ ସୁବିଧା ଯୋଜନା ବସପାସ, ରେସନକାର୍ଡ,ଆବାସ ଗୃହ,ଭିଉକ୍ଷମ ଭତ୍ତା, ଡି.ଆର ଲୋନ ପାଇଁ ଦରଖାସ୍ତ ଆବେଦନ କରିଛନ୍ତି । ଭୀମଭୋଇ ଭିଉକ୍ଷମ ସାମର୍ଥ୍ୟ ଶିବିର ରେ ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ପ୍ରଭାତ ମହାପାତ୍ର, ମାନସିକ ବିଭାଗ ର ଡାକ୍ତର ନିରଞ୍ଜନ ରଥ, କାନ,ନାକ,ଗଳା,ବିଭାଗ ଡ଼ାକ୍ତର ଅନିତା ମଞ୍ଜରୀ ଜେନା, ଆର୍ଥୋଲୋଜି ବିଭାଗ ର ମାନସ କୁମାର ମହାନ୍ତ, ଆଖି ବିଭାଗ ର ଡାକ୍ତର ଶୁଭମ ସେଠୀ ପ୍ରମୁଖ ଉପସ୍ଥିତ ରହି ଭିଉକ୍ଷମ ମାନଙ୍କୁ ଚିହ୍ନଟ କରାଯାଇଛି ।

## ପୋଷ୍ଟ ଅଫିସ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କର୍ମଚାରୀ ନିୟୋଜନ ଦାବି

ବେଗୁନିଆ,(ମହାଭାରତ) : ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକଟିର ଚାରି ଦିଗରୁ ପ୍ରତି ମୁହୂର୍ତ୍ତରେ ମୋଟରଯାନ, ପଥଚାରୀ ଓ ଛାତ୍ରଛାତ୍ରୀମାନେ ଯାତାୟାତ କରିଥାନ୍ତି ଓ ଯାତ୍ରୀବାହୀ ବସ୍ ଓ ଟ୍ରକ ଆଦି ଯାଉଥିବା ବେଳେ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ପ୍ରତିହତ କରିବାକୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ କର୍ମଚାରୀ ନିୟୋଜିତ ହେଲେ କେତେକାଂଶରେ ଦୁର୍ଘଟଣା ରୋକା ଯାଇପାରନ୍ତା ବୋଲି କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ପୂର୍ବତନ ସରପ□ ନବ କିଶୋର ସ୍ୱାଇଁ, ଅଧ୍ୟାପକ ରମେଶ ସାହୁ, ସମାଜସେବୀ ବଂଶୀଧର ପଣ୍ଡା, ଶିକ୍ଷାପ୍ରେମୀ ପତିତପାବନ ବଳବନ୍ତରାୟଙ୍କ ସମେତ ସଚେତନ ନାଗରିକମାନେ ଦାବି କରିଛନ୍ତି।

## ରାଇରଙ୍ଗପୁର ରେ ତ୍ରୀଦିସୀୟ କୃଷିଯନ୍ତ୍ରପାତି ପ୍ରଦର୍ଶନୀ ମେଳା ଓ ବିକ୍ରୟ ଉଦଯାପିତ



ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ସହର ଅନ୍ତର୍ଗତ ମହୁଲଡିହା ଖେଳ ପଡ଼ିଆରେ ତ୍ରିଦିସୀୟ (୨୭,୨୮ ଏବଂ ୨୯)କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ବିକ୍ରୟ ମେଳ ମହା ସମାରୋହରେ ଉଦଯାପିତ ହୋଇଯାଇଛି ।ଏହି ଉଦଯାପନୀ ଉତ୍ସବରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ ପ୍ରଧାନ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଂଜନ ହେମ୍ବ୍ରମ୍,ଜାତଳା ବ୍ଲକ ଅଧ୍ୟକ୍ଷ ରାଣୀ ମୁର୍ମୁ,ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ,ହଳଦା ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳି ସିଂ,କୁସୁମି ବ୍ଲକ ଅଧ୍ୟକ୍ଷା ମାଧେ ପୂର୍ତ୍ତି, ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ଟିକୀ ହାଁସଦା, ଜାମଦା ବ୍ଲକ ଅଧ୍ୟକ୍ଷ ତୁମକା ହେମ୍ବ୍ରମ, ରାଇରଙ୍ଗପୁର ଜିଲ୍ଲା ପରିଷଦ ସଦସ୍ୟ ସଚିଦାନନ୍ଦ ମହାନ୍ତ, ରାଇରଙ୍ଗପୁର କୃଷି ଅଧିକାରୀ ଲୋକନାଥ ମିଶ୍ର,ହଳଦା କୃଷି ଅଧିକାରୀ ଉତ୍ତମ ସୋ, ଯଶିପୁର କୃଷି ବୈଜ୍ଞାନିକ ପ୍ରଦୀପ ମହାନ୍ତି, ରାଇରଙ୍ଗପୁର ବ୍ଲକ କୃଷିଯନ୍ତ୍ରୀ, ମତ୍ସ୍ୟ ,ପଶୁ,ଆଇଟିଡିଏ, ଉଦ୍ୟାନ ,କୃଷି ବିଭାଗ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଯାପନୀ ଉତ୍ସବର ଶୁଭାରମ୍ଭ କରିଥିଲେ । ଅତିଥିଗଣ କହିଥିଲେ କୃଷକ ହେଉଛନ୍ତି ଆମର ଅନ୍ନଦାତା । ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ କହିଥିଲେ ଜୟ ଯବାନ,ଜୟ କିଷାନ,ଜୟ ବିଜ୍ଞାନ । ଚାଷୀ ହସିଲେ ଦେଶ ହସିବ । କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ସଶକ୍ତିକରଣ ପାଇଁ ବହୁବିଧ ଯୋଜନା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ।କୃଷକମାନେ ଆଧୁନିକ କୃଷି ପ୍ରଣାଳୀ ଉପରେ ଅଧିକ ଜ୍ଞାନ,କୃଷି ଯନ୍ତ୍ରପାତି ବ୍ୟବହାର ଉପରେ ଜ୍ଞାନ,କୃଷି ଅଧିକାରୀଙ୍କ ଠାରୁ କୃଷିଭିତ୍ତିକ ଜ୍ଞାନ କୁ ନେଇ ନିଜେ ସଶକ୍ତ ହୋଇ କାର୍ଯ୍ୟ କ୍ଷେତ୍ରରେ ବ୍ୟବହାର କଲେ କୃଷି ଅଧିକ ଅମଳ କରିବା ସହ ଦୁଇ ପଇସା ଅଧିକ ରୋଜଗାରକ୍ଷମ ହୋଇ ଆର୍ଥିକ ସଶକ୍ତ ହୋଇ ପାରିବ । ବିଭିନ୍ନ ବିଭାଗର ଅଧିକାରୀମାନେ ସେମାନଙ୍କ ବିଭାଗର ସରକାର ଯୋଜନା, ସହାୟତା ଓ ବୈଷୟିକ ଜ୍ଞାନ ଉପରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ ।ଓଡ଼ିଶାର ଚାଷୀ ପାରଂପାରିକ ଧାନଚାଷ ସହିତ ବିରି,ମୁଗ,ଡାଲି,ଗହମ, ମତ୍ସ୍ୟ,ଛେଳି,ଗୋପାଳନ,କୁକୁଡ଼ା ,ଆମ୍ବ,ସପୁରୀ,ପନିପରିବା ଆଦି ଚାଷ ଉପରେ ଧ୍ୟାନ ଦେଇ ଅଧିକରୁ ଅଧିକ ଉପାର୍ଜନକ୍ଷମ ହେବା ପାଇଁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଙ୍କ ସମେ ଜନପ୍ରତିନିଧି ମାନେ ପ୍ରଦର୍ଶନୀ ମେଳା ପରିଦର୍ଶନ କରିଥିଲେ । ମେଳାରେ ବହୁ ଚାଷୀ ଉପସ୍ଥିତ ରହି ନିଜ ମନ ପସନ୍ଦର କୃଷି ଯନ୍ତ୍ରପାତି କ୍ରୟ କରିଥିଲେ।

## ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୨୮ତମ କ୍ରୀଡ଼ା ବାର୍ଷିକ ଉତ୍ସବ ର ଉଦଯାପନୀ ଦିବସ

ପାଟଣା:-(ମହାଭରତ) କେନ୍ଦୁଝର ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୈତରଣୀ ବିହାର ର ୨୮ତମ କ୍ରୀଡ଼ା ବାର୍ଷିକ ଉଦଯାପିତ ହୋଇ ଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାମନ୍ଦିର ର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ଉଦ ଜାପାନୀ ଉତ୍ସ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗଣେଶ କର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ କୁ ବିଦ୍ୟାମନ୍ଦିର ଗୁରୁମା ଶୋଭାଶ୍ରୀ ଷଡଙ୍ଗୀ ପରିଚାଳନା କରିଛନ୍ତି । ମୂଖ୍ୟ ଅତିଥି ଭାବେ ବଡ଼ପାଟଣା ପଞ୍ଚାୟତ ସରପ□ ବିନତୀ ବାନାରା ଯୋଗଦାନ କରିଛନ୍ତି । ମୁଖ୍ୟବକ୍ତା ଭାବେ ଯୁବ ସମାଜ ସେବି ତଥା ପାଟଣା ପ୍ରେସ କ୍ଲବ ସମ୍ପାଦକ ବିଜୟ ରୁ ପତି, ବିଦ୍ୟାମନ୍ଦିର ପରିଚାଳନା ସମିତି ଉପ ସଭାପତି ମଦନମୋହନ ମହାନ୍ତ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ବାର୍ଷିକ ଉତ୍ସବ ରେ ଶିଶୁମନ୍ଦିର ର ଶାରୀରିକ କ୍ରୀଡ଼ା ପ୍ରମୁଖ ଗଜେନ୍ଦ୍ର କୁମାର ମହାନ୍ତ ପରିଚାଳନା କରିବା ସହିତ ବାର୍ଷିକ କ୍ରୀଡ଼ା ର ବିବରଣୀ ପାଠ କରିଛନ୍ତି । ଦୁଇଦିନ ଧରି ଖେଳକୁଦ ଅନୁଷ୍ଠିତ ହୋଇଛି । ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ା ବାର୍ଷିକ ପ୍ରତିଯୋଗିତାରେ ବିଦ୍ୟାମନ୍ଦିର ସମସ୍ତ ଗୁରୁଜୀ,ଗୁରୁମା ଓ ସେବକ ସେବୀକା ମାନେ ସହଯୋଗ କରିଥିଲେ। ଶିଶୁ ମନ୍ଦିର ଗୁରୁଜୀ ପ୍ରମୋଦ କୁମାର ମହାନ୍ତ, ବେଣୁଧର ମହାନ୍ତ,ଶମ୍ଭୁନାଥ ସେଠୀ, ଉପସ୍ଥିତ ହୋଇ ସଂପୂର୍ଣ୍ଣ ସହଯୋଗ କରିଥିଲେ।

# ବାଂଲାଦେଶ ସଂଖ୍ୟାଲଘୁଙ୍କ ସୁରକ୍ଷା ଚିନ୍ତାରେ ଆମେରିକା

**ନୂଆଦିଲ୍ଲୀ,୨୯।୧୧(ମହାଭାରତ):** ବାଂଲାଦେଶରେ ଧର୍ମିକ ସଂଖ୍ୟାଲଘୁଙ୍କ ପ୍ରତି ବଢୁଥିବା ବିପଦକୁ ନେଇ ଆମେରିକାର ପୂର୍ବ ଆନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆୟୋଗ (ୟୁଏସ୍‌ସିଆଇଆର୍‌ଏଫ୍)ର ସଦସ୍ୟ ଜନି ମୋର୍ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସେ କେବଳ ପ୍ରଭାବିତ ସମ୍ପ୍ରଦାୟ ପାଇଁ ନୁହେଁ ବରଂ ଦେଶର ଅସ୍ତିତ୍ୱ ପାଇଁ ମଧ୍ୟ ଏହା ଏକ ଗମ୍ଭୀର ସଙ୍କଟ ବୋଲି କହିଛନ୍ତି । ଏଏନ୍‌ଆଇ ସହିତ ଆଲୋଚନା ବେଳେ ସେ ଆଶ୍ଚର୍ଯ୍ୟ ପ୍ରକଟ କରି କହିଛନ୍ତି, ମୁଁ ଆଶ୍ଚର୍ଯ୍ୟ ହୋଇଛି ଯେ ବର୍ତ୍ତମାନର ପ୍ରଶାସନ ବାଂଲାଦେଶ ପ୍ରତି କାହିଁକି ଧ୍ୟାନ ଦେଉନାହିଁ । ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ନୀତିର ପ୍ରାଥମିକତାକୁ ଅଣଦେଖା କରି ସାରା ବିଶ୍ୱରେ ୫୦ ରୁ ଅଧିକ ବିବାଦ ସୃଷ୍ଟି ହୋଇଛି ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ଅଧିକ ଅଟେ ।'ମୁର୍ ଆହୁରି କହିଛନ୍ତି ଯେ ରାଷ୍ଟ୍ରପତି ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ପ୍ରବେଶ ସହିତ ବାଂଲାଦେଶରେ ଧାର୍ମିକ ସ୍ୱାଧୀନତା ପ୍ରସଙ୍ଗରେ ପରିସ୍ଥିତି ବଦଳିପାରେ । ସେ ପୂର୍ବାନୁମାନ କରିଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ମଜଭୁତ ହେବ ଏବଂ ଧାର୍ମିକ ସ୍ୱାଧୀନତାକୁ ପ୍ରାଥମିକତା ଦିଆଯିବ ।



ସେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ୍ ଡିସି ଫେରିଛନ୍ତି ଏବଂ ତାଙ୍କ ସହ ଏକ ଶକ୍ତିଶାଳୀ ଦଳ ରହିଛି ଯିଏ ଆମେରିକାର ମୂଲ୍ୟବୋଧ ସପକ୍ଷରେ କାମ କରିବ । ବାଂଲାଦେଶରେ ହିନ୍ଦୁ ତଥା ଅନ୍ୟ ଧାର୍ମିକ ସଂଖ୍ୟାଲଘୁଙ୍କ ପ୍ରତି ହିଂସା ଘଟଣାରେ ବୃଦ୍ଧି ଘଟିଛି, ଯାହା ବିଷୟରେ ମୁର୍ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସେ ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ବିପଜ୍ଜନକ ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ସେମାନେ ସନ୍ଥଙ୍କୁ ଗିରଫ କରିପାରନ୍ତି ତେବେ ସେମାନେ କାହାକୁ ବି ଟାର୍ଗେଟ କରିପାରିବେ । ଏହି ହିଂସାକୁ ନେଇ ଭାରତ ମଧ୍ୟ ଗଭୀର ଚିନ୍ତା ପ୍ରକଟ କରିଛି । ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ବୈଦେଶିକ ମନ୍ତ୍ରଣାଳୟ ଦୃଢ ନିନ୍ଦା କରିଛି ଏବଂ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀକୁ ଅନ୍ୟାୟ ବୋଲି କହିଛି । ସଂଖ୍ୟାଲଘୁମାନଙ୍କ ସୁରକ୍ଷା ତଥା ଶାନ୍ତିପୂର୍ଣ୍ଣ ଭାବରେ ଏକାଠି ହେବାର ଅଧିକାର ରକ୍ଷା କରିବାକୁ ମନ୍ତ୍ରଣାଳୟ ବାଂଲାଦେଶକୁ ନିବେଦନ କରିଛି । ବାଂଲାଦେଶରେ ଧାର୍ମିକ ନିର୍ଯାତନା ଉପରେ ନୀରବ ଥିବା ପାଶ୍ଚାତ୍ୟ ଦେଶଗୁଡ଼ିକୁ ମୋର୍ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଯେତେବେଳେ ହିନ୍ଦୁମାନେ ନିର୍ଯାତିତ ହୁଅନ୍ତି, ସେତେବେଳେ ଖୁବ୍ କମ୍ ସ୍ୱର ଉତ୍ତୋଳନ ହୁଏ । ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ । ମାନବିକ ଅଧିକାର ତଥା ଧାର୍ମିକ ସ୍ୱାଧୀନତା ପାଇଁ ଏହା ହେଉଛି ସମୟ । ସେ କହିଛନ୍ତି ଯେ ଏହା ଏକ ଐତିହାସିକ ମୁହୂର୍ତ୍ତ ଏବଂ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା ପାଇଁ ସମଗ୍ର ବିଶ୍ୱ ସକ୍ରିୟ ପଦକ୍ଷେପ ନେବାକୁ ପଡ଼ିବ । ବିଶ୍ୱ ଏହି ସଙ୍କଟକୁ ଅଣଦେଖା କରିବା ଉଚିତ୍ ନୁହେଁ ।'

# ବାଂଲାଦେଶ ସରକାରଙ୍କୁ ସତର୍କ କଲେ ଜୟଶଙ୍କର

**ନୂଆଦିଲ୍ଲୀ,୨୯।୧୧(ମହାଭାରତ):** ବାଂଲାଦେଶରେ ହିନ୍ଦୁଙ୍କ ବିରୋଧରେ ହୋଇଥିବା ହିଂସାର ଜବାବରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଲୋକସଭାରେ ବୟାନ ରଖିଛନ୍ତି । ଏକ ଲିଖିତ ଉତ୍ତରରେ ଜୟଶଙ୍କର କହିଛନ୍ତି ଯେ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ କେନ୍ଦ୍ର ସରକାର ଗମ୍ଭୀରତାର ସହ ନେଇଛନ୍ତି ଏବଂ ବାଂଲାଦେଶ ସରକାରଙ୍କୁ ନିଜର ଚିନ୍ତା ଜଣାଇଛନ୍ତି । ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ପ୍ରାଥମିକ ବାଂଲାଦେଶ ସରକାରଙ୍କ ଦାୟିତ୍ୱ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ହାଇକମିଶନର ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ସମସ୍ୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସେପଟେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏହି ପ୍ରସଙ୍ଗରେ ଭାରତ ସରକାରଙ୍କ ଚିନ୍ତା ପ୍ରକଟ କରିଛି । ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଭାରତ ଲଗାତାର ଏବଂ ଦୃଢ଼ତାର ସହ ହିନ୍ଦୁ ଏବଂ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଛି ଏବଂ



ବାଂଲାଦେଶ ସରକାରଙ୍କ ସହ ସଂପର୍କରେ ରହିଛି । ଏ ନେଇ ଆମର ଆଭିମୁଖ୍ୟ ସ୍ପଷ୍ଟ ରହିଛି । ଅନ୍ତରୀଣ ସରକାର ସମସ୍ତ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ନିଜର ଦାୟିତ୍ୱ ନିର୍ବାହ କରିବା ଉଚିତ୍ ।

# ମହାରାଷ୍ଟ୍ର ନିର୍ବାଚନରେ ଅନିୟମିତତା ହୋଇଛି : କଂଗ୍ରେସ

**ମୁମ୍ବାଇ,୨୯।୧୧(ମହାଭାରତ):** ମହାରାଷ୍ଟ୍ର ନିର୍ବାଚନରେ ହୋଇଥିବା ଶୋଚନୀୟ ପରାଜୟରୁ କଂଗ୍ରେସ ଏପର୍ଯ୍ୟନ୍ତ ଉଧୁରି ପାରିନାହିଁ । ଏବେ ଦଳ ଫଳାଫଳକୁ ସହଜରେ ଗ୍ରହଣ କରିପାରୁନାହିଁ । ଦଳ ଏବେ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ଏକ ଅଭିଯୋଗ ନିର୍ବାଚନ କମିସନଙ୍କ ନିକଟରେ କରିଛି । ଦଳ ଅଭିଯୋଗ କରିଛି ଯେ ଭୋଟର ତାଲିକାରୁ ମନଇଚ୍ଛା ଭୋଟରମାନଙ୍କ ନାଁ କଟାଯାଇଛି ଓ ପ୍ରତ୍ୟେକ ନିର୍ବାଚନଭ ମଣ୍ଡଳୀରେ ୧୦ ହଜାର ଭୋଟ ଯୋଡ଼ାଯାଇଛି । ଏହିପରିଭାବେ ଜୁଲାଇ ୨୦୨୪ରୁ ନଭେମ୍ବର ୨୦୨୪ ମଧ୍ୟରେ ରାଜ୍ୟରେ ମୋଟ ୪୭ ଲକ୍ଷ ନୂଆ ଭୋଟର ସାମିଲ କରାଯାଇଛି । କଂଗ୍ରେସ ମଧ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛି । ଦଳ କହିଛି ଯେ ୨୧ ନଭେମ୍ବର, ୨୦୨୪ ଅପରାହ୍ନ ୫ଟା ସୁଦ୍ଧା ମହାରାଷ୍ଟ୍ରରେ ୫୮.୨୨% ମତଦାନ ହୋଇଥିଲା, ଯାହା ରାତି ସାଢ଼େ ୧୧ଟା ସୁଦ୍ଧା ୬୫.୦୨% କୁ



ବୃଦ୍ଧି ପାଇଛି ।ଏହାବ୍ୟତୀତ ଚୂଡ଼ାନ୍ତ ରିପୋର୍ଟରେ ୬୬.୦୫% ମତଦାନ ରେକର୍ଡ କରାଯାଇଛି, ଯାହା ଗଣତି ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଘୋଷଣା କରାଯାଇଥିଲା । ଅପରାହ୍ନ ୫ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ମାତ୍ର ଏକ ଘଣ୍ଟା ମଧ୍ୟରେ ପାଖାପାଖି ୭୬ ଲକ୍ଷ ଭୋଟ୍ ପଡ଼ିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି ।

# ଦିଲ୍ଲୀରେ ଆପ୍ ହାତ ଛାଡ଼ିଲା କଂଗ୍ରେସ

**ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି):** ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ସହ ମେଣ୍ଟ ନକରି ଏକାକୀ ଲଢ଼ିବ କଂଗ୍ରେସ । ଶୁକ୍ରବାର ଏନେଇ ଦଳ ପକ୍ଷରୁ ଘୋଷଣା ହୋଇଛି । ସମସ୍ତ ୭୦ ବିଧାନସଭା ଆସନରେ କଂଗ୍ରେସ ଏକାକୀ ପ୍ରାର୍ଥୀ ଦେବ ବୋଲି ଦିଲ୍ଲୀ ଗଂଗ୍ରେସ ମୁଖ୍ୟ ଦେବେନ୍ଦ୍ର ଯାଦବ କହିଛନ୍ତି ।ଏହି ନିର୍ବାଚନାରେ କଂଗ୍ରେସ କେଣସି ଦଳ ସହ ମେଣ୍ଟ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେ ଆହୁରି କହିଛନ୍ତି, ନିର୍ବାଚନ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସଂପର୍କରେ ବିଧାୟକ ଦଳ ବେଠକରେ ସ୍ଥିର ହେବ । ଏହା ପୂର୍ବରୁ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନକୁ 'ଧର୍ମ ଯୁଦ୍ଧ'ର ଆଖ୍ୟା ଦେଇଥିଲେ । ଦିଲ୍ଲୀ ବିଧାନସଭା ନିର୍ବାଚନ ଏକ ଧର୍ମ ଯୁଦ୍ଧ ଭଳି । କେରବଙ୍କ ଭଳି ସେମାନଙ୍କ ପାଖରେ ଟଙ୍କା ଏବଂ କ୍ଷମତା ରହିଛି । ହେଲେ ପାଣ୍ଡବଙ୍କ



ଭଳି ଆମ ପାଖରେ ଇଶ୍ୱର ଏବଂ ଲୋକମାନେ ରହିଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ କହିଥିଲେ । ଏସବୁ ଭିତରେ ଗୁରୁବାର ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ୪୩ଟି କମିଟି ଗଠନ କରିଛି । ବୀରେନ୍ଦ୍ର ସଚଦେବଙ୍କ ନିର୍ଦ୍ଦେଶ କ୍ରମେ କମିଟି ମୁଖ୍ୟଙ୍କ ନାଁ ଘୋଷଣା ହୋଇଛି । ନିର୍ବାଚନ ସଂପର୍କିତ କାର୍ଯ୍ୟ ଲାଗି ଏହି ସବୁ କମିଟି ଗଠନ କରାଯାଇଛି । ସୂଚନାଯୋଗ୍ୟ, ଦିଲ୍ଲୀରେ ୭୦ ବିଧାନସଭା ଆସନ ଲାଗି ନିର୍ବାଚନ ଫେବୃଆରୀ ୨୦୨୫ ପୂର୍ବରୁ ହେବ । ଗତ ନିର୍ବାଚନ ଫେବୃଆରୀ ୨୦୨୦ରେ ଅନୁଷ୍ଠିତ ହୋଇଥିଲା ଏବଂ ନିର୍ବାଚନରେ ବିଜୟୀ ହୋଇ କେଜ୍ରିୱାଲଙ୍କ ଦଳ ଆପ୍ ସରକାର ଗଢ଼ିଥିଲା । ଏହା ସହ କେଜ୍ରିୱାଲ ତୃତୀୟ ଥର ଲାଗି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇଥିଲା । ଦିଲ୍ଲୀ ବିଧାନସଭାର କାର୍ଯ୍ୟକାଳ ୧୫ ଫେବୃଆରୀ ୨୦୨୫ରେ ଶେଷ ହେବାକୁ ଯାଉଛି ।

# ଅମୃତସରରେ ବନ୍ଦ ପୋଲିସ ଚୌକି ବାହାରେ ବିସ୍ଫୋରଣ

ଚଣ୍ଡିଗଡ,୨୯।୧୧(ମହାଭାରତ): ଅମୃତସରରେ ଶୁକ୍ରବାର ସକାଳେ ଏକ ବନ୍ଦ ଥିବା ପୋଲିସ ଚୌକି ବାହାରେ ବିସ୍ଫୋରଣ ହୋଇଛି । ଏହାପୂର୍ବରୁ ଗତ ସପ୍ତାହରେ ଅଜନାଲା ପୋଲିସ ଥାନା ବାହାରୁ ଆଇଇଡି ଜବତ କରାଯାଇଥିଲା । ସେଠାରେ ବି ବିସ୍ଫୋରଣ ଯୋଜନା କରାଯାଇଥିଲା । ଅମୃତସରର ଗୁରବକ୍ସ ନଗର ଚୌକିକୁ ଗତବର୍ଷ ବନ୍ଦ କରିଦିଆଯାଇଥିଲା । ଏହି ଚୌକିରେ ସମ୍ବନ୍ଧିତ ଥାନାର ସାମଗ୍ରୀ ରଖାଯାଇଥିଲା । ଆଜି ସକାଳେ ଏଠାରେ ବିସ୍ଫୋରଣ ହୋଇଛି । ତେବେ ବିସ୍ଫୋରଣ ଯୋଗୁ କୌଣସି କ୍ଷୟକ୍ଷତି ହୋଇନାହିଁ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଭୋର ପ୍ରାୟ ୩ଟା ବେଳେ ବୋମା ବିସ୍ଫୋରଣର ଶବ୍ଦ ଯୋଗୁ ପୂରା ଅଂଚଳ ଥରି ଉଠିଥିଲା । ଲୋକେ ଘରୁ ବାହାରକୁ ପଳାଇଆସିଥିଲେ ଏବଂ ଚାରିଆଡେ ଆତଙ୍କ ଖେଳିଯାଇଥିଲା ।

# ବୈଠକ ଝୁଲାଇ ରଖିଲେ ଏକନାଥ ସିନ୍ଦେ

**ମୁମ୍ବାଇ,୨୯।୧୧(ମହାଭାରତ):** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ସସ୍ପେନ୍ସ ଲାଗି ରହିଥିବା ବେଳେ ଏକନାଥ ସିନ୍ଦେ ଆଜି ନିଜ ଗାଁକୁ ଯାଇଛନ୍ତି । ଦୁଇଟି ବଡ଼ ବୈଠକ ବାତିଲ ହେବା ପରେ ସିନ୍ଦେ ନିଜ ଗାଁ ସତାରା ଚାଲି ଯାଇଛନ୍ତି । ଏହା ପରେ ରାଜନେତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଏହା ପୂର୍ବରୁ ଗୁରୁବାର ଦେବେନ୍ଦ୍ର ଫଡ଼ନାଭିସ ଏବଂ ଅଜିତ ପାୱାରଙ୍କ ସମେତ ଏକନାଥ ସିନ୍ଦେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ।



ବିଧାନସଭା ନିର୍ବାଚନରେ ବିଜେପିର ବୃହତ୍ତ ବିଜୟ ପରେ ମହାରାଷ୍ଟ୍ର ସରକାର ଗଠନ ନେଇ ଫର୍ମୁଲା ଦିଲ୍ଲୀରେ ଧାର୍ଯ୍ୟ ହୋଇଛି ବୋଲି କୁହାଯାଉଛି । ଅମିତ ଶାହ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସହ ସରକାର ଗଠନକୁ ନେଇ ସକରାତ୍ମକ ଆଲୋଚନା ହୋଇଛି ବୋଲି ଶୁକ୍ରବାର କହିଛନ୍ତି ସିନ୍ଦେ । ଏସବୁ ଭିତରେ ବିଜେପିର ବିଧାୟକ ଦଳ ନେତା ଚୟନ ହେବା ପରେ ମହାୟୁତି ବେଠକ ଅନୁଷ୍ଠିତ ହେବ ବୋଲି କୁହାଯାଉଛି । ଗାଁକୁ ଯିବା ପୂର୍ବରୁ ସିନ୍ଦେ କହିଛନ୍ତି, ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଘୋଷଣା କରାଯିବ । ଏନେଇ ଆଲୋଚନା ଜାରି ରହିଛି । ନିଷ୍ପତ୍ତି ଯାହ ହେବ ସେନେଇ ଜଣାଇ ଦିଆଯିବ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିଷ୍ପତ୍ତିକୁ ବିରୋଧ କରିବେ ନାହିଁ ବୋଲିସିନ୍ଦେ ସ୍ପଷ୍ଟ କରିଥିଲେ । ସେପଟେ ଲଡକା ଭାଉ (ପ୍ରିୟର ଭାଇ) ପଦବୀ ମୋ ପାଇଁ ଅନ୍ୟ କେଣସି ପଦବୀ ଠାରୁ ବଡ଼ବୋଲିକହିଛନ୍ତିଏକନାଥସିନ୍ଦେ ।

## ହୃଦୟଖୋଲା... (ପ୍ରଥମ ପୃଷ୍ଠାରୁ)

ଦେଲେ। ଆମର ଭାବ ଏତେ ସୁଦୃଢ଼ ଥିଲା ଯେ ଭାଷାଠୁ ବି ତାହା ବଳିଯାଇଥିଲା। ମୋଦୀ ଆହୁରି କହିଛନ୍ତି, ଆଜି ଓଡିଶାରେ ଆମ ସରକାର ସବୁ ଗ୍ୟାରେଣ୍ଟିକୁ ପୂରା କରିବାକୁ କାମ କରୁଛି। ଓଡିଶାରେ ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କାରେ ବିକ୍ରି ହେଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପୁଣି ମୁଁ କହିବି ମୋଦୀଙ୍କ ଗ୍ୟାରେଣ୍ଟି ଗ୍ୟାରେଣ୍ଟି ପୂରା ହେବାର ଗ୍ୟାରେଣ୍ଟି । ଆମେ ଆମ ସଂକଳ୍ପକୁ ପୂରା କରିବୁ ଆଉ ବିକଶିତ ଓଡିଶା ପାଇଁ କାମ କରିବୁ। ଓଡିଶାର ଲୋକ ଆମ ସରକାର ଆସିବା ପରେ ଗୋଟିଏ ବଡ ଅନ୍ତର ଦେଖିବାକୁ ପାଉଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାର ବିଭିନ୍ନ ଅଞ୍ଚଳକୁ ଯାଉଛନ୍ତି। ଲୋକମାନେ ଭାବୁଛନ୍ତି ମୁଖ୍ୟମନ୍ତ୍ରୀ ବି ଗାଁକୁ ଆସିପାରନ୍ତି। ସେ ସବୁ ଅଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ମା ସୁଭଦ୍ରାଙ୍କ ଆଶୀର୍ବାଦ ନେଇ ଆମେ ସୁଭଦ୍ରା ଯୋଜନା ଆରମ୍ଭ କଲୁ। ମୁଁ ଖୁସି ଅଛି ଓଡିଶାରେ ବିଜେପିର ପ୍ରୟାସରୁ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି ଅଛନ୍ତି । ଯାହା ଆଦିବାସୀ ସମାଜ ପାଇଁ ଗର୍ବର କଥା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସର ନାଁ ନେଇ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ରାଜନୀତିରେ ନୀତିଗତ ବିରୋଧ ରହିବା ସ୍ୱାଭାବିକ କଥା। ଯେକୌଣସି ନିଷ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତ ରହିବ। ରାଜନୀତିକ ଦଳଗୁଡ଼ିକ ଭିନ୍ନ ଭିନ୍ନ କଥା ଲୋକଙ୍କ ନିକଟକୁ ନେଇଥାନ୍ତି। ସମ୍ବିଧାନର ମର୍ଯ୍ୟାଦା ଭିତରେ ରହି ନିଜର ବିଚାର ପରିପ୍ରକାଶ କରିଥାନ୍ତି । କିନ୍ତୁ ବିଗତ କିଛି ଦିନରେ ଏକ ବଡ଼ପରିବର୍ତ୍ତନ ଅନୁଭବ କରୁଥିବେ। ଗଣତନ୍ତ୍ରର ସବୁ ସୀମାକୁ ଉଲ୍ଲଙ୍ଘନ କରାଯାଉଛି। ଯେଉଁମାନେ କ୍ଷମତାକୁ ନିଜର ଜନ୍ମଗତ ଅଧିକାର ଭାବୁଥିଲେ ସେମାନେ କେନ୍ଦ୍ରରେ ଶାସନ ପ୍ରାୟ ଏକ ଦଶନ୍ଧି ଧରି ହରାଇଛନ୍ତି। ଏହି ଆକ୍ରୋଶ ସେମାନେ ଲୋକଙ୍କ ଉପରେ ଶୁଝାଉଛନ୍ତି। ଦେଶକୁ ଭୁଲ୍ ବାଟରେ ନେବା ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ମିଛ ଓ ଅପପ୍ରଚାରର ଅଭିଯାନକୁ ଅଧିକ ଜୋରଦାର କରିବାରେ ଲାଗିଛନ୍ତି। ତେଣୁ ବିଜେପିର କର୍ମୀମାନଙ୍କ ସମେତ ଯେଉଁମାନେ ସମ୍ବିଧାନର ସମ୍ମାନ କରୁଛନ୍ତି, ଯିଏ ଗଣତନ୍ତ୍ରରେ ବଂଚୁଛନ୍ତି, ଯିଏ ଦେଶକୁ ଭଲ ପାଉଛନ୍ତି ସେମାନଙ୍କ ପାଇଁ ଏଭଳି ଲୋକଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟ ବହୁତବଡ଼ ଚ୍ୟାଲେଞ୍ଜ ପାଲଟିଛି। ତେଣୁ କ୍ଷମତାଲୋଭୀ ଲୋକମାନଙ୍କ ପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଛନ୍ତି।ମୋଦି ଏହି ଅବସରରେ ନୂଆଦିଲ୍ଲୀରେ ଓଡ଼ିଶା ପରବରେ ସାମିଲ ହୋଇ ପିଇଥିବା ମସଲା ଚାର ପ୍ରଶଂସା କରିଥିଲେ ଓ ଓଡ଼ିଶାର ବାଲିଯାତ୍ରା, ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ପ୍ରଶଂସା କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ପାଇଁ ଆଜି ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ଓଡ଼ିଶାକୁ ତୃତୀୟ ଗସ୍ତ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରେ ଆମ ସରକାର ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସେବା କରିଚାଲିଛି। ଆମର ୫ମାସର ସରକାର ଅତ୍ୟନ୍ତ ଘଟଣାବହୁଳ ହୋଇଛି। ସବ୍‌କା ସାଥ୍, ସବ୍‌କା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସକୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି। ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ମୋଟ ୧.୮୦ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ଅନୁମୋଦନ ସହ ୧.୧୦ଲକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ଖୁବକମ୍ ଦିନରେ ୧୮ହଜାର ସରକାରୀ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି।

ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଜାନୁୟାରୀ ୨୮ରେ ହେବ, ସେତେବେଳେ ବି ଆହୁରି ଅଧିକ ପୁଞ୍ଜି ଆସିବ। ଆମ ସରକାର ଏକ ସମ୍ବେଦନଶୀଳ ସରକାର ଭାବେ ସମସ୍ତଙ୍କ ପ୍ରତି ଯତ୍ନବାନ ଅଛନ୍ତି। ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡ଼ିଶାର ବହୁତ ବଡ଼ ଯୋଗଦାନ ରହିଛି। ୨୦୩୬ ମସିହାରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ବର୍ଷ ପୂରଣ ହେବ, ସେବେ ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ହେବ ଯାହାକି ବିକଶିତ ଭାରତ ନିର୍ମାଣରେ ବିଶେଷ ସହଯୋଗ ହେବ। କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ପୂର୍ବୋଦୟ ବିକାଶର କେନ୍ଦ୍ରବିନ୍ଦୁ ହେବାସହିତ ଦେଶର ବିକାଶର ରେଳରେ ପ୍ରଥମ ବଗି ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହାକୁ ସାକାର ରୂପ ଦେବାପାଇଁ ଡବଲ ଇଞ୍ଜିନ ସରକାର ନିଶ୍ଚୟ ଏକ ଆହ୍ୱାର ସହ କାର୍ଯ୍ୟ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ,ଜୁଏଲ ଓରାମ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ରାଜ୍ୟର ମନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡାଙ୍କ ବଂଶଧର ମଙ୍ଗଲ ମୁଣ୍ଡାଙ୍କ ଦେହାନ୍ତ

ରାଂଚି ୨୯।୧୧: ଧରତୀ ଆବା ବିରସା ମୁଣ୍ଡାଙ୍କ ନାତି ମଙ୍ଗଳ ସିଂହ ମୁଣ୍ଡା ଗୁରୁବାର ବିଳମ୍ବିତ ରାତିରେ ଦେହାନ୍ତ କରିଛନ୍ତି ।ମଙ୍ଗଲ ମୁଣ୍ଡା ରିମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ତାଙ୍କ ମୃତ୍ୟୁ ହେତୁ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଶୋକର ଲହରୀ ଖେଳିଯାଇଛି ।ତାଙ୍କର ଶେଷ ସଂସ୍କାର ଖୁଂଟୀର ଉଲିହାତୁ ଗ୍ରାମରେ ହେବ। ସୁଚନାଯୋଗ୍ୟ ଯେ ୨୫ ନଭେମ୍ବରକୁ ମଙ୍ଗଲ ମୁଣ୍ଡା ଖୁଂଟି -ତମାଡ ରୋଡରେ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ।ଏହା ପରେ ତାଙ୍କୁ ଭଲ ଚିକିତ୍ସା ପାଇଁ ରିମ୍ସ ଅଣାଯାଇଥିଲା। ୨୬ ନଭେମ୍ବର ଡାକ୍ତରଙ୍କ ଟିମ ତାଙ୍କ ଚିକିତ୍ସା କରିବା ଆରମ୍ଭ କରିଥିଲେ। ତାଙ୍କୁ ଆଇସିୟୁରେ ରଖାଯାଇଥିଲା ।ଗତ ବିଳମ୍ବିତ ରାତିରେ ଅକାଳରେ ତାଙ୍କ ମୃତ୍ୟୁ ହୋଇଥିଲା।



ମଙ୍ଗଲ ମୁଣ୍ଡାଙ୍କ ବିୟୋଗରେ ପିଏମ ମୋଦିଙ୍କ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡାଙ୍କ ବଂଶଜ ମଙ୍ଗଲ ମୁଣ୍ଡାଙ୍କ ବିୟୋଗରେ ଅତ୍ୟନ୍ତ ଦୁଃଖିତ । ତାଙ୍କ ବିୟୋଗ ତାଙ୍କ ପରିବାର ସହିତ ଝାରଖଣ୍ଡ ଜନଜାତି ସମାଜ ପାଇଁ ବି ଅପୂରଣୀୟ କ୍ଷତି ଅଟେ । ଏହି ଶୋକ ସମୟରେ ଭଗବାନ ତାଙ୍କ ପରିଜନକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଓମ୍ ଶାନ୍ତି ।

# ନିନ୍ଦା କଲେ ସେଖ୍ ହସିନା

**ନୂଆଦିଲ୍ଲୀ,୨୯।୧୧(ମହାଭାରତ):** ଦୀର୍ଘ ଦିନର ନିରବତା ପରେ ମୁହଁ ଖୋଲିଲେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହସିନା । ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶଦ୍ରୋହ ଅଭିଯୋଗରେ ହିନ୍ଦୁ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରାଯିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି । ଆୱାମୀ ଲିଗ୍ ସଭାପତି ବଙ୍ଗବନ୍ଧୁଙ୍କ ଝିଅ ଶେଖ ହସିନା ଏକ ବିବୃତି ଜାରି କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସନାତନ ଧର୍ମ ସମ୍ପ୍ରଦାୟର ଜଣେ ଶୀର୍ଷ ନେତାଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଛି ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରାଯିବା ଉଚିତ । ଅତୀତରେ ଅହମ୍ମଦିଆ ସମ୍ପ୍ରଦାୟର ମସଜିଦ, ଦରଗା, ଚର୍ଚ୍ଚ, ମଠ ଓ ଘର ଉପରେ ଆକ୍ରମଣ, ଭଙ୍ଗାରୁଜା, ଲୁଟ୍ ଓ ନିଆଁ ଲଗାଇ ଦିଆଯାଇଛି । ଧାର୍ମିକ ସ୍ୱାଧୀନତା ଏବଂ ସମସ୍ତ ସମ୍ପ୍ରଦାୟର ଲୋକଙ୍କ ପାଇଁ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରାଯିବା ଆବଶ୍ୟକ । ଚିଟଗୋଙ୍ଗରେ ଜଣେ ଓକିଲଙ୍କୁ ହତ୍ୟା କରାଯାଇଛି, ଏହି ହତ୍ୟାକାଣ୍ଡକୁ ତୀବ୍ର ବିରୋଧ କରାଯାଉଛି । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ଖୋଜି ବାହାର କରି ଦଣ୍ଡ ମିଳିବା ଦରକାର । ଏହି ଘଟଣା ମାନବିକ ଅଧିକାରର ଘୋର ଉଲ୍ଲଂଘନ କରିଛି । ଜଣେ ଓକିଲ ନିଜର ବୃତ୍ତିଗତ କର୍ତ୍ତବ୍ୟ ପାଳନ କରିବାକୁ ଯାଇଥିଲେ ଏବଂ ଯେଉଁମାନେ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ସେମାନେ ଆତଙ୍କବାଦୀ । ସେମାନେ ଯିଏ ବି ହୁଅନ୍ତୁ, ସେମାନଙ୍କୁ ଦଣ୍ଡ ମିଳିବା ଦରକାର । ଅସାମ୍ବିଧାନିକ ଉପାୟରେ କ୍ଷମତା ଦଖଲ କରିଥିବା ୟୁନୁସ୍ ସରକାର ଯଦି ଏହି ଆତଙ୍କବାଦୀଙ୍କୁ ଦଣ୍ଡିତ କରିବାରେ ବିଫଳ ହୁଅନ୍ତି, ତେବେ ମାନବାଧିକାର ଉଲ୍ଲଂଘନ ପାଇଁ ମଧ୍ୟ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ହସିନା କହିଛନ୍ତି ।

# ରାଜ କୁନ୍ଦ୍ରାଙ୍କ ଘରେ ଇଡ଼ି ଚଢ଼ଉ

ମୁମ୍ବାଇ,୨୯।୧୧(**ମହାଭାରତ**): ପର୍ଣ୍ଣୋଗ୍ରାଫି ମାମଲାରେ ଚଳଚ୍ଚିତ୍ର ଅଭିନେତା ଶିଳ୍ପା ଶେଟିଙ୍କ ପତି ରାଜ କୁନ୍ଦ୍ରାଙ୍କ ମୁମ୍ବାଇ ସ୍ଥିତ ଘରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଶୁକ୍ରବାର ସକାଳେ ଚଢ଼ଉ କରିଛି । ଏଥିସହ ମୁମ୍ବାଇ ଓ ଉତରପ୍ରଦେଶର ପ୍ରାୟ ୧୫ଟି ସ୍ଥାନରେ (ରାଜ କୁନ୍ଦ୍ରାଙ୍କ ନିକଟ ସମ୍ପର୍କୀୟ ମାନଙ୍କ ଘରେ) ମଧ୍ୟ ଚଢ଼ଉ କରିଛି ଇଡ଼ି । ଉତ୍ତର ପ୍ରଦେଶରେ ଭିନ୍ନ ଭିନ୍ନ ସ୍ଥାନରେ ରେଡ୍ କରିଛି । ସୂତ୍ର ମୁତାବକ ଇଡିର ଟିମ କାନପୁର, ଗୋରଖପୁର ଓ କୁଶୀନଗର ସହିତ ଅତିକମରେ ୧୫ଟି ଠିକଣାରେ ରେଡ୍ କରିଛି । ଗୋରଖପୁରରୁ ଜଣେ ଯୁବକକୁ ଗିରଫ କରାଯାଇଛି । ମୋବାଇଲ୍ ଆପ ଜରିଆରେ ଅଶ୍ଳୀଳ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ପ୍ରସାରିତ କରିବା ସହିତ ଜଡିତ ମନିଲର୍ଡରିଂ ମାମଲାର ଯାଂଚକୁ ନେଇ ଇଡି ଏହି ରେଡ୍ କରିଛି ।ସୂଚନା ମୁତାବକ, ପର୍ଣ୍ଣୋଗ୍ରାଫି ମାମଲାରେ ମୁମ୍ବାଇ ପୋଲିସ ଟିମ୍ ୨୦୨୧ ରେ ରାଜ କୁନ୍ଦ୍ରାଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା ଏବଂ ସୂଚନା ପ୍ରଦ୍ୟୋଗିକ ଅଧିନିୟମର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲେ । ଏହାପରେ ୨୦୨୧ ଜୁଲାଇରେ ମୁମ୍ବାଇ ପୋଲିସ ରାଜ କୁନ୍ଦ୍ରାଙ୍କୁ ଗିରଫ କରିଥିଲା । ରାଜ କୁନ୍ଦ୍ରାଙ୍କୁ ୨୦୨୧ ସେପ୍ଟେମ୍ବରରେ ଜାମିନ୍ ମିଳିଥିଲା । ଯଦିଓ ଏହି ମାମଲାର ଛାନଭିନ୍ ଜାରି ରହିଛି । ଏବେ ଇଡି ଟିମ୍ ଏହି ମାମଲାକୁ ମନି ଲଣ୍ଡ୍ରିଂ ଏଙ୍ଗେଲରେ ଯାଂଚ୍ କରୁଛି ।

## ବାମପନ୍ଥୀ ବିରୋଧ ପ୍ରଦର୍ଶନ

ସିଲିଗୁଡି, ୨୯।୧୧(ମହାଭାରତ): ଦାର୍ଜିଲିଂ ଜିଲ୍ଲା କମିଟିର ଅହ୍ୱାନରେ ଶୁକ୍ରବାର ଦିନ ବାମପନ୍ଥୀ ଦଳ ତୃଣମୂଳ କଂଗ୍ରେସ ଦ୍ୱାରା ପରିଚାଳିତ ସିଲିଗୁଡ଼ି ମ୍ୟୁନିସିପାଲିଟି କର୍ପୋରେସନ୍ ବିରୋଧରେ ଏବଂ ଦଶ ଦଫା ଦାବିରେ ଏକ ବିରୋଧ ପ୍ରଦର୍ଶନ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବାମପନ୍ଥୀ ନେତା ଓ କର୍ମୀମାନେ ହିଲକାର୍ଟ ରୋଡରେ ଅନୀଲ ବିଶ୍ୱାସ ଭବନଙ୍କ ସମ୍ମୁଖରେ ଏକ ରାଲି କରିଥିଲେ, ଯାହାକି ବିଭିନ୍ନ ରାସ୍ତା ଦେଇ ଏବଂ ସିଲିଗୁଡି ମ୍ୟୁନିସିପାଲିଟି କର୍ପୋରେସନରେ ପହଂଚିଥିଲା । ଯେଉଁଠାରେ କି ବିରୋଧ ପ୍ରଦର୍ଶନ କରାଯାଇଥିଲା।

ଏଠାରେ ବାମପନ୍ଥୀଙ୍କ ବିରୋଧକୁ ଦୃଷ୍ଟିରେ ରଖି ମ୍ୟୁନିସିପାଲିଟି କର୍ପୋରେସନ ସମ୍ମୁଖରେ ଭାରୀ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ବିକ୍ଷୋଭରେ ଦାର୍ଜିଲିଂ ଜିଲ୍ଲା ସିପିଆଇ (ଏମ୍) ସଚିବ ଜିଭେଶ ସରକାର, ପୂର୍ବତନ ସହରାଂଚଳ ବିକାଶ ମନ୍ତ୍ରୀ ତଥା ପୂର୍ବତନ ମେୟର ଅଶୋକ ଭଟ୍ଟାଚାର୍ଯ୍ୟ, କାଉନସିଲର ନୁରୁଲ ଇସଲାମ ଏବଂ ସିପିଆଇ (ଏମ୍) କାଉନସିଲର ନେତାମାନେ ଉପସ୍ଥିତ ଥିଲେ।

# ଓଲଟିଲା ବସ୍, ୧୦ ମୃତ

**ନୂଆଦିଲ୍ଲୀ,୨୯।୧୧(ମହାଭାରତ):** ମହାରାଷ୍ଟ୍ରରେ ଗୋଦିୟାରେ ଶୁକ୍ରବାର ଭୟଙ୍କର ସଡକ ଦୁର୍ଘଟଣା ହୋଇଛି । ଏଥିରେ ୧୨ ଲୋକଙ୍କ ମୃତ୍ୟୁଘଟିଛି । ସୂଚନା ଅନୁସାରେ ବସ ଭଣ୍ଡାରାରୁ ଗୋଦିୟା ଆସୁଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ବାଇକ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବସ ଓଲଟିପଡିଛି । ଦୁର୍ଘଟଣା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇଥିଲେ । ଘଟଣା ପରେ ମହାରାଷ୍ଟ୍ର ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ପୋଲିସ କହିଛି କି କିଛି ଯାତ୍ରୀଙ୍କ ଦୁର୍ଘଟଣା ସ୍ଥଳରେ ମୃତ୍ୟୁ



ହୋଇଛି । ଅନ୍ୟମାନେ ଗମ୍ଭୀର ଆହତ ହୋଇଛନ୍ତି । ବାଇକ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବସ ଡ୍ରାଇଭର ବସକୁ ମୋଡି ଦେଇଥିଲେ । ଦ୍ରୁତ ଗତିରେ ଆସୁଥିବାରୁ ବସ ଓଲଟିପଡିଥିଲା । ଦୁର୍ଘଟଣା ପରେ ବସ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।

